ଓଁ ଶ୍ରୀ ସାଇରାମ

# ସଂକଳ୍ପ

୨୦୨୦

ଶ୍ରୀ ସତ୍ୟସାଇ ସେବା ସଂଗଠନ, ଓଡ଼ିଶା

# ଓଁ ଶ୍ରୀ ସାଇରାମ

ବିନମ୍ରତାର ସହ ଆମର ପ୍ରିୟ ପ୍ରଭୁଙ୍କର ଶ୍ରୀ ଚରଣ ତଳେ ଓଡିଶାର ଅଗଣିତ ସାଇ ଆଶ୍ରିତ ସାଧକ ସାଧିକା ମାନଙ୍କର ବାର୍ଷିକ ସାଧନାର ପଥ ସଂକଳ୍ପ ୨୦୨୦କୁ ସମର୍ପିତ କରି, ପ୍ରଭୁଙ୍କର ସେହି ଅମୀୟ ପ୍ରେମ ଓ କରୁଣା ଭିକ୍ଷା କରୁଛି। ସ୍ୱାମୀ, ଆପଣଙ୍କର ସଦୟ କରୁଣାର ଦୃଷ୍ଟି ସର୍ବଦା ଆମ ଉପରେ ରହିଥାଉ । ଆପଣଙ୍କ ଦିବ୍ୟ ଉପସ୍ଥିତିରେ ଆମର ଜୀବନ ପୂର୍ଣ୍ଣ ହେଉ, ଆପଣଙ୍କ ଅଭୟ ହସ୍ତର ସ୍ପର୍ଶରେ ଆମ ଜୀବନ ଏକ ଉପଯୁକ୍ତ ସାଧକର ଜୀବନରେ ରୂପାୟିତ ହେଉ ।ସଂକଳ୍ପ ଆମ ପାଇଁ ଏକ ସାଧନାର ପଥ । ଏହାର ପ୍ରସ୍ତୁତିରେ ଇତିହାସ ବଡ ବିଚିତ୍ର । ଦୈବତ୍ୱର ଏତେ ପ୍ରାଞ୍ଜଳ ଉପସ୍ଥିତି ଏହି କାର୍ଯ୍ୟରେ ଅନୁଭୂତ ହୁଏ ଯାହା କେବଳ ଅନୁଭବ୍ୟ । ପାରାଦ୍ୱୀପ ଠାରେ ଅନୁଷ୍ଠିତ ବିଗତ ରାଜ୍ୟ ସମ୍ମିଳନୀର ଅନ୍ତଃସ୍ୱର ଥିଲା **"ଆତ୍ମନ ମୋକ୍ଷ୍ୟାର୍ଥମ ଜଗତ ହିତାୟ ଚ"।** ଜଗତର ହିତ ସାଧନ ପଥରେ ନିଜର ମୋକ୍ଷ ବା ମୁକ୍ତିକୁ ସଫଳ କରିବା। ଏହି ମହାନ ଆପ୍ତ ବାକ୍ୟରେ ଦୁଇଟି ଶବ୍ଦ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ପ୍ରଥମଟି **"ହିତ"** ଏବଂ ଦ୍ୱିତୀୟଟି **"ମୋକ୍ଷ ବା ମୁକ୍ତି"।** ହିତ ଶବ୍ଦଟି ଏକ ବ୍ୟାପକ ଅର୍ଥ ପ୍ରଦାନ କରେ। ନିଜଭିନ୍ନ ଜଗତର ସବୁକିଛି ଭଲ ମଙ୍ଗିବା ଶୁଭ ସାଧନ ଯାହାକି ଆମ ପ୍ରିୟ ପ୍ରଭୁଙ୍କ ଭାଷାରେ ସେବା । ମୋକ୍ଷ ବା ମୁକ୍ତିକୁ ସ୍ୱାମୀ କୁହନ୍ତି ମୋହରୁ କ୍ଷାନ୍ତ ହେବା ବା ଇନ୍ଦ୍ରିୟ ମାନଙ୍କ କବଳରୁ ନିଜକୁ ମୁକ୍ତ କରିବା। ଏଠାରେ ଜଗତ ଓ ବ୍ୟକ୍ତି ପୃଥକ ନୁହେଁ ଜଗତ ସହ ବ୍ୟକ୍ତି ଜଡିତ। ଜଗତର ହିତ ସାଧନ ବା ସେବା କରୁ କରୁ ସେ ନିଜର ପରମହିତ, ଜୀବନର ଶ୍ରେଷ୍ଠ ଲକ୍ଷ୍ୟ ମୁକ୍ତିକୁ ହାସଲ କରିପାରିବ । ଆମ ସଂଗଠନ ଏହି ସାଧନାର ଏକ ପ୍ରକୃଷ୍ଟ କ୍ଷେତ୍ର । ଏଠି ସେବାର ଏତେ ସୁଯୋଗ ରହିଛି ଯେ, ଯେଉଁ ପଥରେ ଆଗକୁ ବଢୁ ବଢୁ ମନୁଷ୍ୟ ସ୍ୱତଃ ସେହି ମୁକ୍ତି ପଥର ଯାତ୍ରୀ ହୋଇପାରିବ। ଚଳିତ ବର୍ଷକୁ ଆମେ ସେବା ବର୍ଷ ଭାବରେ ଗ୍ରହଣ କରିଛେ । ଆମ ସଂଗଠନ ଏକ ସେବା ସଂଗଠନ ଭାବରେ ପରିଚିତ । ଏଠାରେ ସେବା ହିଁ ପ୍ରକୃଷ୍ଟ ସାଧନା ।ସଂଗଠନର ସାଧକ ମାନେ ବର୍ଷ ବର୍ଷ ଧରି ବିବିଧ ସେବା କାର୍ଯ୍ୟ ସହ ଜଡିତ । ତେବେ ବର୍ଷଟିକୁ ସେବା ବର୍ଷ ଭାବରେ ଗ୍ରହଣ କରାଯିବାର ଉଦ୍ଦେଶ୍ୟ "ଆମେ ଆମର ସେବାର ପରିଧିକୁ ବୃଦ୍ଧି କରିବା ନୁହେଁ ,ଯେଉଁ ସେବା କାର୍ଯ୍ୟ ସବୁ ଅନୁଷ୍ଠିତ ହେଉଛି ତାହାକୁ କେବଳ ହାତରୁ ନୁହେଁ, ପରନ୍ତୁ ହୃଦୟରୁ ହୃଦୟକୁ ବିସ୍ତାରିତ କରିବା ନିମନ୍ତେ ଚେଷ୍ଟିତ ହେବା"। ସଂଗଠନର ପ୍ରତ୍ୟେକ କାର୍ଯ୍ୟକୁ ସେବାର ମନୋବୃତ୍ତି ନେଇ ସମ୍ପାଦନ କରିବା ।ଚଳିତ ବର୍ଷ ସର୍ବ ଭାରତୀୟ ସଂଗଠନର ନିଷ୍ପତ୍ତି ଅନୁଯାୟୀ ସଂଗଠନର ପ୍ରତ୍ୟେକ କର୍ମକର୍ତ୍ତା ସଂଗଠନର ପ୍ରତ୍ୟେକ ରାଜ୍ୟ/ଜିଲ୍ଲା/ସମିତି ସ୍ତରୀୟ କାର୍ଯ୍ୟକ୍ରମରେ ଆମ ପ୍ରଭୁଙ୍କର ଦିବ୍ୟ ଆଶୀର୍ବାଦ ସ୍କାର୍ଫ ବ୍ୟାଚକୁ ଧାରଣ କରିବେ। ଏହା ପରିଧାନ କରିବା ଦ୍ୱାରା ସମସ୍ତଙ୍କ ମଧ୍ୟରେ ସାମ୍ୟ ଭାବ ଜାଗ୍ରତ ହେବ ।ସ୍କାର୍ଫ ବ୍ୟାଚ ଆମକୁ ଦିବ୍ୟ ଉପସ୍ଥିତିର ଅନୁଭବ ଦେବ । ଏହା ଆମକୁ ଶଙ୍କର ନୁହେଁ ପରନ୍ତୁ କିଙ୍କର ଭାବ ଅବା ସେବକର ଭାବ ଜାଗ୍ରତ କରାଇବାରେ ସହାୟକ ହେବ । ସ୍ମରଣ ରଖିବାକୁ ହେବ ଯେ, ସ୍କାର୍ଫ ବ୍ୟାଚ ପରିଧାନ କରି ଏମିତି କିଛି ଅପବିତ୍ର ସ୍ଥାନ,କାର୍ଯ୍ୟ ଏବଂ ଆଲୋଚନାରେ ସମ୍ପୃକ୍ତ ହେବା ନାହିଁ ଯାହା ଆମ ପ୍ରଭୁଙ୍କର ଅଭୟ ଉପହାରକୁ ନିନ୍ଦିତ କରିବ । ସ୍କାର୍ଫ ବ୍ୟାଚ ଆମ ସମସ୍ତଙ୍କ ପାଇଁ ଏକ ଦିବ୍ୟ କୃପା। ଆମେ ଅନ୍ୟଜଣଙ୍କୁ ସାଇରାମ କହିବା ବେଳେ ଯେପରି ଅନୁଭବରେ ଆଣେ, ସେହିପରି କେବଳ ଆମର ଅଙ୍ଗଭଙ୍ଗୀ ପ୍ରଣାମ ମୁଦ୍ରା ନୁହେଁ ବା ଉଚ୍ଚାରଣ ନୁହେଁ ପରନ୍ତୁ ହୃଦୟରୁ ହୃଦୟକୁ ସ୍ପର୍ଶ କରୁଥିବା ସାଇରାମଟିଏ କରିବା, ଯାହା ଅନ୍ୟ ହୃଦୟରେ ଆମକୁ ସାଇଙ୍କର ଦର୍ଶନ କରାଇବ । ପ୍ରତ୍ୟେକ କାର୍ଯ୍ୟକ୍ରମରେ ସ୍ୱାମୀଙ୍କ ପାଇଁ ସମର୍ପିତ ଆସନ ଏକ ପୂର୍ଣ୍ଣ ସିଂହାସନ ଜ୍ଞାନରେ ଆମେ ଗ୍ରହଣ କରିବା। କାୟ ମନ ବାକ୍ୟରେ ଏହା ପ୍ରତିଫଳିତ ହେବା ଆବଶ୍ୟକ। ପ୍ରତ୍ୟେକ କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ଦିବ୍ୟ ଉପସ୍ଥିତିକୁ ଅନୁଭବରେ ଆଣିବା ନିମନ୍ତେ ଆମେ ଏକ ମିନିଟ ନୀରବତା ଅବଲମ୍ବନ କରିବା । ସ୍ୱାମୀଙ୍କୁ ସ୍ୱାଗତ କରିବା । ତାଙ୍କର କରୁଣାର ସ୍ପର୍ଶରେ କାର୍ଯ୍ୟକ୍ରମଟିକୁ ପୂର୍ଣ୍ଣ କରିବା ନିମନ୍ତେ ଏହି ମିନିଟଟି ଗଭୀର ପ୍ରାର୍ଥନାରେ ପୂର୍ଣ୍ଣ ହେବା ଆବଶ୍ୟକ । ସଂଗଠନର କାର୍ଯ୍ୟକ୍ରମ ମାଧ୍ୟମରେ ଆମେ ନିଜେ ଶୃଙ୍ଖଳିତ ରହିବା ଯେପରି ଆମେ ଅନ୍ୟ ମାନଙ୍କ ପ୍ରତି ଆଦର୍ଶ ହୋଇ ପାରିବା । ପୁରୁଷ ଓ ମହିଳାଙ୍କ ମଧ୍ୟରେ ସ୍ୱାମୀ ଭଲ ପାଉଥିବା ଦୂରତ୍ୱକୁ ଆମେ ଆମ ସଂଗଠନର ପ୍ରତ୍ୟେକ କାର୍ଯ୍ୟରେ ପ୍ରୟୋଗ କରିବା ।ସ୍ୱାମୀଙ୍କ ନିର୍ଦ୍ଦେଶ ମୁତାବକ ଅର୍ଥ ନୈତିକ ଶୃଙ୍ଖଳାକୁ ଗ୍ରହଣ କରିବା ନିହାତି ଆବଶ୍ୟକ। ଏଥିରେ ଆମ ମଧ୍ୟରେ କୌଣସି ଦ୍ୱିମତ ରହିବା ଅନାବଶ୍ୟକ । ପ୍ରଶାନ୍ତି ଛାତ୍ର ମାନଙ୍କର ଉପସ୍ଥିତି ଆମ ସଙ୍ଗଠନକୁ ଅଧିକ ଶୃଙ୍ଖଳିତ ଓ ସ୍ୱାମୀଙ୍କ ବିଚାର ଧାରା ଅନୁଯାୟୀ ଶାଣିତ କରିପାରିବ। ଆମର ପ୍ରୟାସ ରହିବା ଆବଶ୍ୟକ ଯେ, ଯେପରି ଅଧିକରୁ ଅଧିକ ଓଡିଆ ଛାତ୍ର ପ୍ରଶାନ୍ତିରେ ପଢିବାର ସୁଯୋଗ ପାଇ ପାରିବେ, ପୁଣି ପ୍ରଶାନ୍ତି ଉତ୍ତୀର୍ଣ୍ଣ ଛାତ୍ର ମାନେ ଯେପରି ସଂଗଠନ କାର୍ଯ୍ୟରେ ସକ୍ରିୟ ହୋଇପାରିବେ । ବର୍ଷ ବର୍ଷ ଧରି ଯେଉଁ ବାଳବିକାଶ ଶିଶୁ ମାନଙ୍କୁ ସ୍ୱାମୀ ସଂକଳ୍ପ କରି ଗଢିଥାନ୍ତି ସେମାନଙ୍କୁ ଆମେ ହାତଛଡା କରିବା ଉଚିତ ନୁହେଁ । ପ୍ରତ୍ୟେକ ବାଳବିକାଶ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀ ଆମ ସଂଗଠନର ଭବିଷ୍ୟତ ହୁଅନ୍ତୁ । ସେମାନଙ୍କୁ ସଂଗଠନର ବିଭିନ୍ନ କାର୍ଯ୍ୟରେ ସମ୍ପୃକ୍ତ କରାଇବା ଆମର କର୍ତ୍ତବ୍ୟ । ନିତ୍ୟ ତ୍ୟାଗ ପ୍ରତ୍ୟୋହ ଆମକୁ ସ୍ୱାମୀଙ୍କ ସହ ଅନ୍ତରଙ୍ଗ ମୂହୁର୍ତ୍ତଟିଏ ବିତେଇବାର ସୁଯୋଗ ଦିଏ । ଏତଦ ଭିନ୍ନ ଏହାକୁ ଅନ୍ୟ କୌଣସି ଅର୍ଥରେ ଗ୍ରହଣ କରିବା ଉଚିତ ନୁହେଁ । ଏହା ଭାବଗତ, ଆତ୍ମିକ ସମର୍ପଣର ଭାବ ନେଇ ସମ୍ପାଦିତ ହେବା ଆବଶ୍ୟକ । ସଂଗଠନର କାର୍ଯ୍ୟକ୍ରମ ଗୁଡିକୁ ଅଧିକ ତ୍ୱରାନ୍ୱିତ ଏବଂ ପ୍ରଭାବଶାଳୀ କରିବା ପାଇଁ ଗତ ରାଜ୍ୟ ସମ୍ମିଳନୀରେ କିଛି ଅଭିଜ୍ଞ ଭାଇ/ଭଉଣୀଙ୍କୁ ରାଜ୍ୟ ସଂଯୋଜକ ମାନଙ୍କୁ ସହଯୋଗ କରିବା ପାଇଁ ଭାରପ୍ରାପ୍ତ (Incharge) ରୂପେ ଦାୟିତ୍ୱ ପ୍ରଦାନ କରାଯାଇଅଛି । ଅନୁରୂପ ଭାବେ ଜିଲ୍ଲା ଓ ସମିତି କ୍ଷେତ୍ରରେ ଆବଶ୍ୟକତା ଅନୁସାରେ ଏହାକୁ ଗ୍ରହଣ କରାଯାଇପାରେ ।ସଂକଳ୍ପ ପାଠ କଲା ବେଳେ ଯଦି ମନରେ କିଛି ଦ୍ୱନ୍ଦ ଆସୁଛି ଏହା ଆମ ମାନଙ୍କର ପ୍ରିୟ ସ୍ୱାମୀଙ୍କୁ ପଚାରନ୍ତୁ ହୁଏତ ପ୍ରତି ଦ୍ୱନ୍ଦର ଉପଯୁକ୍ତ ସମାଧାନ ଆମେ ତାଙ୍କ ଠାରୁ ହିଁ ପାଇପାରିବା ।ସଂକଳ୍ପର ପ୍ରତିଟି ପୃଷ୍ଠା ଆମ ପାଇଁ ସାଧକ ସଞ୍ଜିବନୀ ହେଉ ।


ରାଜ୍ୟ ସଭାପତି

**ଶ୍ରୀ ସତ୍ୟସାଇ ସେବା ସଂଗଠନ, ଓଡିଶା**

# ଆଧ୍ୟାତ୍ମିକ ବିଭାଗ

୨୦୨୦ ମସିହାକୁ ସେବା ବର୍ଷ ଭାବରେ ଗ୍ରହଣ କରାଯାଉଥିବାରୁ ଚଳିତ ବର୍ଷ ଆଧ୍ୟାତ୍ମିକ ବିଭାଗର ପ୍ରତ୍ୟେକ କାର୍ଯ୍ୟକ୍ରମରେ ଏହାର ପ୍ରତିଫଳନକୁ ରକ୍ଷା କରାଯିବ । ଚାରି ଗୋଟି ସୋପାନରେ ଆଧ୍ୟାତ୍ମିକ ବିଭାଗର ପ୍ରତ୍ୟେକ କାର୍ଯ୍ୟକ୍ରମକୁ ସୂଚିତ କରାଯାଇଛି । ତୃଣମୂଳ ସ୍ତରରୁ ଏଥି ନିମନ୍ତେ ପ୍ରୟାସ କରାଯିବ । ରାଜ୍ୟ ଜିଲ୍ଲା ତଥା ସମିତିର ଆଧ୍ୟାତ୍ମିକ ସଂଯୋଜକ ମାନେ ଏହି ନିଷ୍ପତି ସମୂହକୁ କାର୍ଯ୍ୟକାରୀ କରିବେ ।

- ଚଳିତ ବର୍ଷ ରାଜ୍ୟ ଆଧ୍ୟାତ୍ମିକ ସଂଯୋଜକଙ୍କୁ ସହଯୋଗ କରି କାର୍ଯ୍ୟକ୍ରମ ସମ୍ପାଦନ ନିମନ୍ତେ କାର୍ଯ୍ୟକ୍ରମ ଅନୁଯାୟୀ ଇନଚାର୍ଜ (ଭାରପ୍ରାପ୍ତ) ମାନଙ୍କୁ ଦାୟିତ୍ୱ ପ୍ରଦାନ କରାଯିବ । ଆବଶ୍ୟକ ସ୍ଥଳେ ଜିଲ୍ଲା ସ୍ତରରେ ମଧ୍ୟ ଏହି ପଦକ୍ଷେପ ଗ୍ରହଣ କରାଯିବ ।
- ପ୍ରତ୍ୟେକ ସମିତି ଏବଂ ଭଜନ ମଣ୍ଡଳୀରେ ଜଣେ ଜଣେ ସାପ୍ତାହିକ ଭଜନ ଇନଚାର୍ଜ ରହିବେ । ଯାହାଙ୍କ ଦ୍ୱାରା ଭଜନ ପରିଚାଳିତ ହେବ । ସାପ୍ତାହିକ ଭଜନକୁ ସର୍ବାଙ୍ଗ ସୁନ୍ଦର ଏବଂ ଦିବ୍ୟତ୍ୱ ଅନୁଭବର ଏକ ମହାର୍ଘ ଅବସର କରିବାରେ ଏମାନେ ପ୍ରୟାସୀ ହେବେ । ସମିତିରେ ଆଧ୍ୟାତ୍ମିକ ସଂଯୋଜକ ନିଜେ ଭଜନ ଇନଚାର୍ଜ ଦାୟିତ୍ୱ ନେଇ ପାରନ୍ତି କିମ୍ବା ଅନ୍ୟ ଜଣେ ଶୃଙ୍ଖଳିତ ଅଗ୍ର ଗାୟକଙ୍କୁ ଏହି ଦାୟିତ୍ୱ ପ୍ରଦାନ କରି ପାରନ୍ତି ।

**୧. ଗୋଟିଏ ମିନିଟିର ଚିନ୍ତନ - ଦିବ୍ୟ ବାତାବରଣ**

- ସଂଗଠନର ପ୍ରତ୍ୟେକ କାର୍ଯ୍ୟକ୍ରମ ପୂର୍ବରୁ ୧ ମିନିଟି ନୀରବତା ଅବଲମ୍ବନ କରାଯିବ ।
- ଭଗବାନଙ୍କ ଦିବ୍ୟ ଉପସ୍ଥିତିକୁ ଅନୁଭବ କରିବା ନିମନ୍ତେ ଏହି ୧ ମିନିଟି ସମୟ ଏକ ଭାବପୂର୍ଣ୍ଣ ପ୍ରାର୍ଥନାର ମୂହୁର୍ତ୍ତ ଭାବରେ ଗ୍ରହଣ କରାଯିବ ।

**୨. ନାମ ସ୍ମରଣ**

- ସାପ୍ତାହିକ ଭଜନ ପ୍ରତି ଗୁରୁତ୍ୱ ପ୍ରଦାନ କରାଯିବ ।
- ଏଥି ନିମନ୍ତେ ଜିଲ୍ଲା ଏବଂ ସମିତି ସ୍ତରରେ ଭଜନ ଟ୍ରେନିଂ ସାଇ ସିମ୍ଫୋନି ପ୍ରଶିକ୍ଷକଙ୍କୁ ନେଇ ଆୟୋଜିତ ହେବ ।
- ପ୍ରତ୍ୟେକ ସାପ୍ତାହିକ ଭଜନରେ ପ୍ରତ୍ୟେକ ସଭ୍ୟ/ସଭ୍ୟା, କର୍ମକର୍ତ୍ତା ଯୋଗଦାନ କରିବେ ।
- ପାରିବାରିକ ଭଜନ ପ୍ରତ୍ୟେକ ସଭ୍ୟ/ସଭ୍ୟା ନିଜ ଗୃହରେ ନିଜ ପରିବାର ସଦସ୍ୟଙ୍କୁ ନେଇ ଆୟୋଜନ କରିବେ ।
- ନଗର ସଙ୍କୀର୍ତ୍ତନ ମାନ ବୃଦ୍ଧି ପାଇଁ ପ୍ରୟାସ କରାଯିବ । ନୂତନ ସ୍ଥାନରେ ନଗର ସଙ୍କୀର୍ତ୍ତନର ଆୟୋଜନ, ଭିନ୍ନ ଭିନ୍ନ ପଥରେ ନଗର କୀର୍ତ୍ତନ ଯାତ୍ରା ପାଇଁ ପ୍ରୟାସ କରାଯିବ ।
- ପର୍ତ୍ତୀଯାତ୍ରା ଓ ପ୍ରଶାନ୍ତି ଯାତ୍ରାରେ ନୂତନ ପରିବାର ଓ ନୂତନ ବ୍ୟକ୍ତି ବିଶେଷଙ୍କୁ ଗ୍ରହଣ କରାଯିବ ।
- ଜ୍ୟୋତି ଧ୍ୟାନ, ଲିଖିତ ଜପ, ନିତ୍ୟ ଦାନ, ଆଧ୍ୟାତ୍ମିକ ଦିନ ଲିପିକୁ ସର୍ବନିମ୍ନ ସାଧନା ଭାବରେ ଗ୍ରହଣ କରାଯିବ ।
- ନୂତନ ଭଜନ କେନ୍ଦ୍ର ପ୍ରତିଷ୍ଠା ପାଇଁ ପଦକ୍ଷେପ ଗ୍ରହଣ କରାଯିବ ।
- ଗୋଷ୍ଠୀ ଭଜନ, ସ୍ୱତନ୍ତ୍ର ଭଜନ, ଅଖଣ୍ଡ ଭଜନ ଗୁଡିକୁ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଆୟୋଜିତ ହେବ ।

**୩. ସ୍ୱାଧ୍ୟାୟ**

- ସନାତନ ସାରଥି, ବାଳବିକାଶ ପତ୍ରିକା ଓ ସାଇ ସାହିତ୍ୟର ପଠନ ଓ ପ୍ରସାରଣ ପାଇଁ ପ୍ରଚେଷ୍ଟା କରାଯିବ ।
- ସତସଙ୍ଗ, ପାଠଚକ୍ର, ସାଧନା ଶିବିର ମାଧ୍ୟମରେ ସାଇ ସାହିତ୍ୟ ପଠନକୁ ଉତ୍ସାହିତ କରାଯିବ ।
- ପ୍ରତ୍ୟେକ ସମିତି ଓ ଭଜନ ମଣ୍ଡଳୀରେ ପାଠଚକ୍ର ଆୟୋଜନ ନିମନ୍ତେ ପ୍ରୟାସ କରାଯିବ ।
- ଚଳିତ ବର୍ଷ ପାଠଚକ୍ର ନିମନ୍ତେ ୧୨ ଟି ବିଷୟକୁ ଚୟନ କରି ପରବର୍ତ୍ତୀ ସମୟରେ ଜଣାଇ ଦିଆଯିବ ।
- ଭଜନ ମଣ୍ଡଳୀ ଗୁଡିକୁ ନେଇ ସମିତି ସ୍ତରରେ ତିନିଟି ଏବଂ ଜିଲ୍ଲା ସ୍ତରରେ ବାର୍ଷିକ ଗୋଟିଏ ସାଧନା ଶିବିରର ଆୟୋଜନ କରାଯିବ ।
- ଜିଲ୍ଲା ସାଧନା ଶିବିରରେ ରାଜ୍ୟ ଆଧ୍ୟାତ୍ମିକ ସଂଯୋଜକ/ଇନଚାର୍ଜ ମାନେ ଯୋଗଦାନ କରିବେ ।
- ପାଠଚକ୍ର, ଜନ ଜାଗରଣ, ଭଜନ, ସତସଙ୍ଗ, ଭକ୍ତ ସମ୍ମିଳନୀରେ ବକ୍ତବ୍ୟ ରଖୁଥିବା ଆଲୋଚକ ମାନଙ୍କର ଏକ ତାଲିକା ରାଜ୍ୟ ସଂଯୋଜକଙ୍କ ନିକଟକୁ ପଠାଯିବ ।
- ଉପରୋକ୍ତ ପ୍ରତ୍ୟେକ ସତସଙ୍ଗ ଭଗବାନ ବାବାଙ୍କ ଜୀବନ ଓ ବାର୍ତ୍ତାକୁ ନେଇ ସମୃଦ୍ଧ ହେବା ଆବଶ୍ୟକ । ଏଥି ନିମନ୍ତେ ଆଲୋଚକମାନେ ସଚେତନ ରହିବେ ।
- Seminar, Symposium ତଥା କୌଣସି ପ୍ରକାରର ସ୍ୱତନ୍ତ୍ର ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଆୟୋଜନ ପୂର୍ବରୁ ରାଜ୍ୟ ସଂଯୋଜକଙ୍କୁ ଅବଗତ କରାଯିବ ।
- **୪. ବେଦ**

  ବେଦଶିକ୍ଷା

  - ସଂଗଠନର ପ୍ରତ୍ୟେକ କର୍ମକର୍ତ୍ତା ବେଦ ଶିକ୍ଷା କରିବେ ।
  - ସୂକ୍ତ ମନ୍ତ୍ର ଶିକ୍ଷା ପ୍ରତି ଗୁରୁତ୍ୱ ଦିଆଯିବ ।
  - ସ୍କୁଲ ପିଲାଙ୍କୁ ସାମୂହିକ ବେଦ ଶିକ୍ଷା ଦିଆଯିବ ।
  - ସମିତି, ଜିଲ୍ଲା ଓ ରାଜ୍ୟରେ ବେଦପାଠୀ ଗୋଷ୍ଠୀ ଗଠନ କରାଯିବ ।
  - ଜିଲ୍ଲା ଏବଂ ରାଜ୍ୟ ସ୍ତରରେ ସୂକ୍ତ ମନ୍ତ୍ର ପାଠ କର୍ମଶାଳାର ଆୟୋଜନ କରାଯିବ ।

ବେଦ ଅନୁଷ୍ଠାନ

- ତ୍ରୟୀ ରୁଦ୍ରମକୁ ଗୁରୁତ୍ୱ ଦିଆଯିବ ।
- ମହାରୁଦ୍ରମ ଆୟୋଜନ ପୂର୍ବରୁ ରାଜ୍ୟ ସଂଯୋଜକଙ୍କୁ ଅବଗତ କରାଯିବ ।
- ଅତି ରୁଦ୍ରମ ନିଷ୍ପତ୍ତି କେବଳ ରାଜ୍ୟ ସଂଗଠନ ଗ୍ରହଣ କରି ପାରିବେ ।

ବେଦ ସଂପ୍ରସାରଣ

- ବେଦପାଠ ପରିକ୍ରମାରେ ନୂତନ ଗୃହ ଗୁଡ଼ିକୁ ଗ୍ରହଣ କରାଯିବ ଏବଂ ଏଥିରେ ସୂକ୍ତ ପାଠକୁ ଗୁରୁତ୍ୱ ଦିଆଯିବ ।
- ଭଜନ ନଗର ସଙ୍କୀର୍ତ୍ତନ ପୂର୍ବରୁ ୫ ଟି ବେଦ ମନ୍ତ୍ର ପାଠ କରାଯିବ । (ଗଣାନାଂ ତ୍ୱା, ଭଦ୍ରମ କର୍ଣ୍ଣେଭି, ସନ୍ନୋ ମିତ୍ରଃ, ସ୍ୱସ୍ତିଃ ପ୍ରଜାଭ୍ୟ , ସହନା ବବତୁ ) । କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ସମୂହ ବେଦ ପାଠକୁ ଉତ୍ସାହିତ କରାଯିବ ।

# ସେବା ବିଭାଗ

**ସେବାଦଳ ତାଲିମ କାର୍ଯ୍ୟକ୍ରମ**

- ୧୮ ଟି ଜିଲ୍ଲାରେ ତୃତୀୟ ପର୍ଯ୍ୟାୟ ଜିଲ୍ଲା ସ୍ତରୀୟ ସେବାଦଳ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସଂପୂର୍ଣ୍ଣ କରାଯିବ ।
- ସର୍ବ ଭାରତୀୟ ଲକ୍ଷ୍ୟ ଅନୁସାରେ ଚତୁର୍ଥ ପର୍ଯ୍ୟାୟ ସମିତି ସ୍ତରୀୟ ସେବାଦଳ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ୨୪ ଏପ୍ରିଲ ୨୦୨୦ ସୁଦ୍ଧା ସରିବ ।
- ଯେଉଁ ଜିଲ୍ଲାମାନେ ତୃତୀୟ ପର୍ଯ୍ୟାୟ ସେବାଦଳ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସଂପୂର୍ଣ୍ଣ କରି ସାରିଛନ୍ତି ,ସେମାନେ ଚତୁର୍ଥ ପର୍ଯ୍ୟାୟ ଜାନୁୟାରୀରୁ ଆରମ୍ଭ କରିବେ ଏବଂ ଅନ୍ୟ ଜିଲ୍ଲାମାନେ ୨୪ ଏପ୍ରିଲ ମହାସମାଧି ଦିବସ ସୁଦ୍ଧା ସଂପୂର୍ଣ୍ଣ କରିବେ ।
- ସେବାଦଳ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ରୂପ ରେଖ ସଂପୂର୍ଣ୍ଣ ରୂପେ ସ୍ୱାମୀଙ୍କ ଦ୍ୱାରା ନିର୍ଦ୍ଧାରିତ ।

**ଗ୍ରାମ ସେବା**

- ପ୍ରତ୍ୟେକ ଜିଲ୍ଲା ଏକ ନୂତନ ଗ୍ରାମକୁ (SSSVIP, ଆଦର୍ଶ ଗ୍ରାମ ବ୍ୟତୀତ ) ସେବାଗ୍ରାମ ଭାବେ ପୁରାତନ ତାଲିକାରେ ଅନ୍ତର୍ଭୁକ୍ତ କରିବେ ଏବଂ ମହାଶିବରାତ୍ରି ପୂର୍ବରୁ ଚିହ୍ନଟ/ସର୍ବେକ୍ଷଣ ପ୍ରକ୍ରିୟା ସାରିବେ ।
- ଜାନୁୟାରୀ ୨୦୨୦ ସୁଦ୍ଧା ପ୍ରତ୍ୟେକ ଜିଲ୍ଲା ବିଭିନ୍ନ ସମିତି ଅନ୍ତର୍ଗତ ଆଦର୍ଶ ଗ୍ରାମର ତାଲିକା ଚୂଡାନ୍ତ କରିବେ ।

**ଶ୍ରୀ ସତ୍ୟସାଇ ଗୃହ ନିର୍ମାଣ ପ୍ରକଳ୍ପ ପାଇଁ କାର୍ଯ୍ୟ ଯୋଜନା**

- ଏହି ପ୍ରକଳ୍ପରେ ୬ଟି ଜିଲ୍ଲାର ୨୪ ଟି ଗ୍ରାମ ଅନ୍ତର୍ଭୁକ୍ତ ।
- ଏହା ସ୍ୱାମୀଙ୍କର ଏକ ମାତ୍ର ନିଜସ୍ୱ ସମ୍ପତ୍ତି । ଓଡିଶା ବାସୀଙ୍କୁ ସ୍ୱାମୀ ଏହା ପ୍ରସାଦ ସ୍ୱରୂପ ଭେଟି ଦେଇଥିଲେ – ତେଣୁ ଏହା ଆମ ପାଇଁ ଗୋଟିଏ ଗୋଟିଏ ତୀର୍ଥ କ୍ଷେତ୍ର ।
- ଆମର ଲକ୍ଷ୍ୟ ଏସବୁ ଗ୍ରାମକୁ ପର୍ଯ୍ୟାୟ କ୍ରମେ ଗୋଟିଏ ଭଜନ ସେଣ୍ଟର, ଭଜନ ମଣ୍ଡଳୀ ଏବଂ ସମିତିରେ ପରିଣତ କରିବା ।
- ଏସବୁ ଗ୍ରାମର ନୂତନ ସର୍ବେକ୍ଷଣ ଜାନୁୟାରୀ ଶେଷ ସୁଦ୍ଧା କରାଯିବ ।
- ଫେବୃୟାରୀ ମାସ ଠାରୁ ଏହି ଗ୍ରାମ ଗୁଡ଼ିକରେ କିଛି କିଛି ସାଙ୍ଗଠନିକ କାର୍ଯ୍ୟାବଳୀ ଆରମ୍ଭ କରାଯିବ ।
- ଏସବୁ ଗ୍ରାମରେ ମୁଖ୍ୟତଃ ସ୍ୱାସ୍ଥ୍ୟ ସେବା, ପଶୁ ସେବା, କୃଷି ସେବା, ଧନ୍ଦା ମୂଳକ ଶିକ୍ଷା ଓ ସାଇ ପ୍ରେମଧାରାକୁ ଗୁରୁତ୍ୱ ଦିଆଯିବ ।
- ଗ୍ରାମ, ସମିତି, ଜିଲ୍ଲା ଓ ରାଜ୍ୟ ସ୍ତରୀୟ ପ୍ରତିନିଧିଙ୍କୁ ନେଇ ଗ୍ରାମ୍ୟ କମିଟି ଗଠିତ ହେବ ।
- ନିକଟସ୍ଥ ଭଲ ସମିତିକୁ ନୋଡାଲ କେନ୍ଦ୍ର ରୂପେ ନିରୂପଣ କରାଯିବ ।
- ଅନ୍ତତଃ ପକ୍ଷେ ଗୋଟିଏ ସାପ୍ତାହିକ ଭଜନ, ବାଳବିକାଶ ଓ ମାସିକ ସେବା କାର୍ଯ୍ୟକ୍ରମ କରାଯିବ ।
- ରାମ ନବମୀରେ ବାର୍ଷିକ ଉତ୍ସବ ପାଳିତ ହେବ ।
- ନଭେମ୍ବର ମାସର ପ୍ରଥମ ସପ୍ତାହକୁ "କୃତଜ୍ଞତାର ଉତ୍ସବ" ରୂପେ ପାଳନ କରାଯିବ । ଏହି କାର୍ଯ୍ୟକ୍ରମରେ ସ୍ୱାମୀଙ୍କ ସୁସଜ୍ଜିତ ରଥ ସମସ୍ତ ଗ୍ରାମ ପରିକ୍ରମା କରିବ ।ସମସ୍ତ ସାଇ ଆଶ୍ରିତ ଏବଂ କାର୍ଯ୍ୟକର୍ତ୍ତାମାନଙ୍କୁ ଏହି ଦିବ୍ୟ ଉତ୍ସବରେ ଯୋଗ ଦେବା ପାଇଁ ଉତ୍ସାହିତ କରାଯିବ ।

**ସାଇ କରୁଣା ପ୍ରକଳ୍ପ ପାଇଁ କାର୍ଯ୍ୟ ଯୋଜନା**

**(ତ୍ରି ସ୍ତରୀୟ ପ୍ରସ୍ତାବ )**

**୧। ପରିତ୍ୟକ୍ତ ଏବଂ ରାସ୍ତା କଡରେ ବୁଲୁଥିବା ପଶୁ ମାନଙ୍କର ଯତ୍ନ**

- ଏଥିପାଇଁ ଜଣେ ପଶୁ ଚିକିତ୍ସକ, ଏକ ଉତ୍ସାହୀ / ଇଚ୍ଛୁକ, ପ୍ରଶିକ୍ଷଣ ପ୍ରାପ୍ତ ଯୁବଗୋଷ୍ଠୀ ଆବଶ୍ୟକ ।
- ଇଚ୍ଛୁକ ଯୁବ ଗୋଷ୍ଠୀଙ୍କୁ ପ୍ରାଥମିକ ଚିକିତ୍ସା ସମ୍ବନ୍ଧରେ ପ୍ରଶିକ୍ଷଣ ଦିଆଯିବ ।
- ପ୍ରଯୁକ୍ତି ବିଦ୍ୟାର ସାହାଯ୍ୟ ନେଇ ପଶୁ ଚିକିତ୍ସକଙ୍କ ପାଖରୁ ଭିଡ଼ିଓ କଲ୍ ମାଧ୍ୟମରେ ପରାମର୍ଶ ନେବେ ।
- ଗ୍ରୀଷ୍ମ ମାସ ଗୁଡ଼ିକରେ ପଶୁ ମାନଙ୍କୁ ଜଳ ସେବା ଯୋଗାଇ ଦିଆଯିବ ।
- ଜିଲ୍ଲା/ ସମିତି ସ୍ତରରେ ପଶୁ ସେବା ହେଲ୍ପ ଲାଇନ ଲାଇନର ବନ୍ଦୋବସ୍ତ କରାଯିବ ।

୨। ପଶୁଧନ ଓ ଗୃହ ପାଳିତ ପଶୁ ମାନଙ୍କ ପାଇଁ ପଶୁ ଚିକିତ୍ସା ଶିବିର

- ସ୍ୱଳ୍ପ ମୂଲ୍ୟରେ ସରକାରୀ ସୁବିଧା ଉପଲବ୍ଧ କରାଇବା ।
- ସେବାଦଳ ମାନଙ୍କୁ ସରକାରୀ ଯୋଜନା ସମ୍ବନ୍ଧରେ ସଚେତନ କରାଇବା ।
- ଅନ୍ତତଃ ପକ୍ଷେ ପ୍ରତ୍ୟେକ ୬ ମାସର ଥରେ ଗୋଟିଏ ପୋଷ୍ୟ ଗ୍ରାମରେ/ ଶ୍ରୀ ସତ୍ୟ ସାଇ ପୂର୍ଣ୍ଣାଙ୍ଗ ଗ୍ରାମୀଣ ବିକାଶ ଯୋଜନା ଅନ୍ତର୍ଗତ ଗ୍ରାମରେ ଗୋଟିଏ ପଶୁ ଚିକିତ୍ସା ଶିବିର ଆୟୋଜନ କରିବେ ।
- ଜିଲ୍ଲା ଇଚ୍ଛା ଅନୁସାରେ ଏହିପରି ଏକାଧିକ ଗ୍ରାମ ହାତକୁ ନେଇ ପାରିବେ କିନ୍ତୁ ପ୍ରତ୍ୟେକ ଗ୍ରାମରେ ପ୍ରତି ୬ ମାସରେ ଥରେ ଏକ ପଶୁ ଚିକିତ୍ସା ଶିବିର ଅନୁଷ୍ଠିତ ହେବା ଆବଶ୍ୟକ ।
- ପଶୁ ଚିକିତ୍ସକଙ୍କ ଦ୍ୱାରା କୃଷକ ଜାଗରଣ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଇବା (ବିଷୟ ଓ ସାଧନ ରାଜ୍ୟ ଦ୍ୱାରା ପ୍ରେରିତ ହେବ ) ।
- ପ୍ରତ୍ୟେକ ଜିଲ୍ଲାରେ ପଶୁଧନ ନିରୀକ୍ଷକ ଓ ପଶୁ ଚିକିତ୍ସକଙ୍କର ତଥ୍ୟ ସଂଗ୍ରହ କରାଯିବ ।

୩. ଆଦର୍ଶ ଗୋ ପାଳନ କେନ୍ଦ୍ର

- ଦୁଇ ଜଣ ଇଚ୍ଛୁକ/ପ୍ରତିଶ୍ରୁତି ବଦ୍ଧ /ବେରୋଜଗାରୀ ସାଇ ଯୁବକ ଦରକାର ।
- ଗମନା ଗମନ ପଥ ସହ ସଲଗ୍ନ ଥିବା ଅର୍ଦ୍ଧ ଏକର ଜମି ଦରକାର ଯେଉଁଥିରେ ଜଳ ସେଚନ ସୁବିଧା ଉପଲବ୍ଧ ହେଉଥିବ ।
- ଏକ ଲକ୍ଷ ଧନରାଶିର ପ୍ରାରମ୍ଭିକ ପୁଞ୍ଜିନିବେଶ କରାଯିବ (୫୦ ପ୍ରତିଶତ ସରକାରୀ ସହାୟତା)
- ରାଜ୍ୟ ସ୍ତରୀୟ ଅଭିଜ୍ଞ ପଶୁ ଚିକିତ୍ସକ ମାନେ ମାର୍ଗ ଦର୍ଶନ ଓ ପରାମର୍ଶ ଦାତା ରୂପେ ରହିବେ ।
- ପ୍ରତ୍ୟେକ ଜିଲ୍ଲା ସର୍ବନିମ୍ନ ଗୋଟିଏ ଆଦର୍ଶ ଗୋଶାଳା କାର୍ଯ୍ୟକ୍ରମ ହାତକୁ ନେବେ ।

✓ ସର୍ବ ପ୍ରଥମେ ପ୍ରତ୍ୟେକ ଜିଲ୍ଲା ଇଚ୍ଛୁକ ପଶୁ ଚିକିତ୍ସକ, ପଶୁ ଧନ ନିରୀକ୍ଷକ ଓ ଆଗ୍ରହୀ ସେବାଦଳ ମାନଙ୍କର ତାଲିକା ପ୍ରସ୍ତୁତ କରିବେ ।

✓ ରାଜ୍ୟ ସ୍ତରୀୟ ବୟୋଜ୍ୟୋଷ୍ଠ/ଅଭିଜ୍ଞ ପଶୁ ଚିକିତ୍ସକମାନେ ଏହି କାର୍ଯ୍ୟକ୍ରମରେ ମାର୍ଗ ଦର୍ଶନ କରାଇବେ ।

✓ ଫେବୃୟାରୀ /ମାର୍ଚ୍ଚ ମାସରେ ଏକ ରାଜ୍ୟ ସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହାର ଅନୁସରଣରେ ଜିଲ୍ଲା ସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।

## ପ୍ରଶାନ୍ତି ସେବା

ପ୍ରଶାନ୍ତି ସେବା ୨୦୨୦ ପାଇଁ ଆବଶ୍ୟକ ହେଉଥିବା ସେବାଦଳ ସଂଖ୍ୟା ନିମ୍ନ ମତେ ସ୍ଥିର କରାଯାଇପାରେ ।

| ସେବା ସମୟ ସୀମା | ପୁରୁଷ | ମହିଳା |
|---|---|---|
| ଫେବୃୟାରୀ ଏବଂ ଅଗଷ୍ଟ ୨୦୨୦ (ଅର୍ଦ୍ଧ ମାସିକ )<br>୪୦% ଯୁବ ଭାଇ/ଭଉଣୀ<br>୨୦% ସଂଗଠନ କର୍ମ କର୍ତ୍ତା<br>୪୦% ଅନ୍ୟାନ୍ୟ ଏବଂ PS ସଦସ୍ୟ | ୭୫୦ | ୭୫୦ |
| ମାର୍ଚ୍ଚ ସର୍ବ ଭାରତୀୟ ସେବା (ଓଡିଶାର ତତ୍ତ୍ୱାବଧାନରେ ହେବାକୁ ଥିବା )<br>୪୦% ଯୁବ ଭାଇ/ଭଉଣୀ<br>୨୦% ସଂଗଠନ କର୍ମ କର୍ତ୍ତା<br>୪୦% ଅନ୍ୟାନ୍ୟ ଏବଂ PS ସଦସ୍ୟ | ୨୫୦ | ୨୦୦ |
| ମେ ସେବା (ପଶ୍ଚିମ ବଙ୍ଗ ସହିତ ମିଳିତ ଭାବେ ହେବାକୁ ଥିବା ) | ୫୫୦ | ୫୦୦ |
| ମେ ୨୦ ରୁ ମେ ୩୧ ପର୍ଯ୍ୟନ୍ତ ହେବାକୁ ଥିବା ରକ୍ଷଣା ବେକ୍ଷଣ ସେବା)<br>(ବଢେଇ, ବିଦ୍ୟୁତ ଯନ୍ତ୍ରୀ, ପାଇପ ମିସ୍ତ୍ରୀ, ସେବାଦଳ ) | ୧୦୦ | |

୧. ପ୍ରଶାନ୍ତି ସେବା ପାଇଁ ଯାଉଥିବା ସଦସ୍ୟ ମାନଙ୍କର ବୟସ ୭୦ ବର୍ଷରୁ ଅଧିକା ଏବଂ ୧୮ ବର୍ଷ ରୁ କମ ହେବା ଉଚିତ ନୁହେଁ ।

୨. ପ୍ରଶାନ୍ତି ସେବା ସମୟରେ ସମସ୍ତଙ୍କର ସୁବିଧା ପାଇଁ ଓ ଉତ୍ତମ ମାନର ସେବା ଯୋଗାଇବା ନିମନ୍ତେ ସମସ୍ତ ସେବାଦଳ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଜାଗାରେ ଏକାଠି ରହିବା ଦରକାର ।ଏଥି ନିମନ୍ତେ ସମସ୍ତ ସେବାଦଳ ଭାଇ ଭଉଣୀଙ୍କୁ ଆଗୁଆ ସୂଚନା ଦେବା ଦରକାର ।

୩. ପ୍ରଶାନ୍ତି ସେବା ସମୟରେ ସମସ୍ତ ସେବାଦଳ ଭାଇ/ଭଉଣୀ ସେବାଦଳ କ୍ୟାଣ୍ଟିନରେ ପ୍ରସାଦ ଗ୍ରହଣ କରିବା ବିଧେୟ ।

୪. ଯେହେତୁ ଜିଲ୍ଲା ସଭାପତି ମାନଙ୍କୁ ଆଗୁଆ ସେମାନଙ୍କର ସେବା କ୍ଷେତ୍ର (Sector) ବିଷୟରେ ଜଣାଇ ଦିଆଯାଉଛି । ପ୍ରଶାନ୍ତି ସେବାରେ Reporting କରିବା ପୂର୍ବରୁ ପ୍ରତ୍ୟେକ ଜିଲ୍ଲାରେ ଜିଲ୍ଲା ସଭାପତି ମାନେ ସେମାନଙ୍କ ଜିଲ୍ଲାର ଭାଇ/ଭଉଣୀ ମାନଙ୍କର Registration ସାରିଦେବା ଦରକାର ।

୫. ପ୍ରଶାନ୍ତି ସେବାରେ ଯୁବ ଭାଇ/ଭଉଣୀ ମାନଙ୍କୁ ଅଗ୍ରାଧିକାର ଦେଇ (ବିଶେଷତଃ ଗ୍ରାମାଞ୍ଚଳ ଓ ଶ୍ରୀ ସତ୍ୟସାଇ ପୂର୍ଣ୍ଣାଙ୍ଗ ଗ୍ରାମ ଯୋଜନା ଅନ୍ତର୍ଗତ ଗ୍ରାମ ଗୁଡିକୁ ) ସେମାନଙ୍କୁ ବହୁ ସଂଖ୍ୟାରେ ଯୋଗଦାନ କରିବାକୁ ଉତ୍ସାହିତ କରାଯିବ ।

୬. ପ୍ରଶାନ୍ତି ସେବା ପାଇଁ ଯାଉଥିବା ପ୍ରତ୍ୟେକ ସେବାଦଳ ନିଜର ପରିଚୟ ପତ୍ର, ସ୍କାର୍ଫ, ବ୍ୟାଚ ସାଙ୍ଗରେ ନେଇକି ଯିବେ । ଜିଲ୍ଲା ସଭାପତି ମାନେ ଏ ସଂକ୍ରାନ୍ତୀୟ ସୂଚନା ଆଗୁଆ ଦେଇ ଏହାକୁ ନିଶ୍ଚିନ୍ତ କରାଇବେ ।

୭. ପ୍ରଶାନ୍ତିରେ ଉତ୍ତମ ମାନର ସେବା ପ୍ରଦର୍ଶନ ପାଇଁ ଜିଲ୍ଲା ସଭାପତି ଜିଲ୍ଲା ସେବାଦଳ ସଂଯୋଜକଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରିବେ । ସେବାକାମ ସମୟରେ ଜିଲ୍ଲା ସେବା ସଂଯୋଜକ ଜିଲ୍ଲାର ସମସ୍ତ ଦାୟିତ୍ୱ ବହନ କରିବେ ।

୮.ଏହି ପରିପ୍ରେକ୍ଷୀରେ ଜିଲ୍ଲା ସେବା ସଂଯୋଜକ ସମିତି ସେବା ସଂଯୋଜକଙ୍କ ସହ ମିଶି ସେମାନଙ୍କ ଜିଲା ପାଇଁ ପ୍ରତ୍ୟେକ ପ୍ରଶାନ୍ତି ସେବା ସମୟ ପାଇଁ ସେବାଦଳ ତାଲିକା ପ୍ରସ୍ତୁତ କରିବେ । ଏହି ତାଲିକା ଜାନୁୟାରୀ ୧୪ ରେ ସକ୍ରିୟ କର୍ମୀ ମାନେ ଦାଖଲ କରିଥିବା ଫର୍ମ ଅନୁସାରେ ପ୍ରସ୍ତୁତ କରାଯିବ ।

୯. ପ୍ରଶାନ୍ତି ସେବା ପୂର୍ବରୁ ପ୍ରତ୍ୟେକ ଜିଲ୍ଲା ସେବାଦଳ କର୍ମୀ ମାନଙ୍କ ପାଇଁ (ଯେଉଁ ମାନେ ପ୍ରଶାନ୍ତି ସେବା ପାଇଁ Register କରିଥିବେ ) ସତସଙ୍ଗ/ ପ୍ରଶିକ୍ଷଣ ବ୍ୟବସ୍ଥା କରିବେ ।

୧୦.ପ୍ରଶାନ୍ତି ସେବା ପାଇଁ ଉଦ୍ଦିଷ୍ଟ ସମୟ ସୀମାର ଗୋଟିଏ ଦିନ ପୂର୍ବରୁ ସେବାଦଳ କର୍ମୀ ପ୍ରଶାନ୍ତିରେ ପହଞ୍ଚିବେ ଏବଂ ସେବା କାମ ସାରିଲା ପରେ ପ୍ରଶାନ୍ତି ଛାଡିବେ। ଜିଲ୍ଲା ସଭାପତି ଏ ସଂକ୍ରାନ୍ତରେ ନିଶ୍ଚିତ କରାଇବେ ।

୧୧.ଯେଉଁ ସେବାଦଳ ଭାଇ/ଭଉଣୀ ଗ୍ରୁପ ଇନଚାର୍ଜ ରହିବେ, ସେବା କାମ ଆରମ୍ଭ ହେବାର ଦୁଇ ଦିନ ପୂର୍ବରୁ ପ୍ରଶାନ୍ତିରେ ପହଞ୍ଚିବେ ।

୧୨.କୌଣସି ଭାଇ/ଭଉଣୀ ଦେହ ଖରାପ ସମୟରେ ପ୍ରଶାନ୍ତି ସେବାରେ ଯୋଗଦାନ କରିବେ ନାହିଁ । ସେବା କାମ ଚାଲୁଥିବା ସମୟରେ ସେବାଦଳ ଭାଇ/ଭଉଣୀ ସେବାଦଳର ପରିଚୟ ନେଇ ନିଜ ବ୍ୟକ୍ତିଗତ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଡାକ୍ତରଖାନା ଯିବେ ନାହିଁ । କୌଣସି ସେବାଦଳ ଭାଇ/ଭଉଣୀ ସେବାକାମ ଚାଲୁଥିବା ସମୟରେ ସେମାନଙ୍କ ସାଙ୍ଗରେ ରୋଗୀ କିମ୍ବା ଅସୁସ୍ଥ ଲୋକଙ୍କୁ ପୁଟ୍ଟପର୍ତ୍ତି ହସ୍ପିଟାଲରେ ଚିକିତ୍ସା ପାଇଁ ନେବେ ନାହିଁ । ଏହା ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ହୋଇଥିବାରୁ ସମସ୍ତେ ଏହାକୁ ଦୃଷ୍ଟି ଦେବେ ।

୧୩.ବର୍ଷକରେ ଅନ୍ୟୁନ ଥରେ ସଂଗଠନର ସମସ୍ତ କାର୍ଯ୍ୟକର୍ତ୍ତା ପ୍ରଶାନ୍ତି ସେବାରେ ଯୋଗଦାନ କରିବେ। ଏହା ଅନ୍ୟ ମାନଙ୍କ ପାଇଁ ଏକ ଆଦର୍ଶ ଉଦାହରଣ ହେବା ସଙ୍ଗେ ସଙ୍ଗେ ଅନ୍ୟ ସେବାଦଳ ମାନଙ୍କୁ ଉତ୍ସାହିତ କରିବ । ବର୍ଷ ଆରମ୍ଭରେ ସଂଗଠନର କାର୍ଯ୍ୟ କର୍ତ୍ତାମାନେ ଯେଉଁ ସମୟରେ ପ୍ରଶାନ୍ତି ସେବାରେ ଯୋଗଦାନ କରିବାକୁ ଚାହାନ୍ତି, ସେ ବିଷୟରେ ସୂଚନା ଦେବେ ।

୧୪. ପ୍ରଶାନ୍ତି ଆଶ୍ରମରେ ସୁରକ୍ଷାକୁ ଦୃଷ୍ଟିରେ ରଖି ଆମ ରାଜ୍ୟରେ ପ୍ରଶାନ୍ତି ସିକ୍ୟୁରିଟୀ ସେବା ପାଇଁ ଅଧିକରୁ ଅଧିକ ଯୁବ ଭାଇ ମାନଙ୍କର ଆବଶ୍ୟକତା ରହିଛି । ଏ ସକ୍ରାନ୍ତରେ ପ୍ରତ୍ୟେକ ଜିଲ୍ଲା PS ଯୁବକ ମାନଙ୍କର ତାଲିକା ପ୍ରସ୍ତୁତ କରି ରାଜ୍ୟ ସଂଗଠନକୁ ଜଣାଇବେ ଏବଂ ଅଧିକରୁ ଅଧିକ ଯୁବ ଭାଇ ମାନଙ୍କୁ ଏଥିରେ ସାମିଲ କରିବା ପାଇଁ ଉତ୍ସାହିତ କରିବେ ।

## ସ୍ୱାସ୍ଥ୍ୟ ସେବା

୧. ଶ୍ରୀ ସତ୍ୟସାଇ ପୁର୍ନବସତି କାର୍ଯ୍ୟକ୍ରମ ( Sri Sathya Sai Rehabilitation Programme) ବିଷୟରେ ମଣ୍ଡଳ ସ୍ତରୀୟ, ଜିଲ୍ଲା ସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଆୟୋଜନ କରାଯିବ ।

୨. ସମସ୍ତ ଜିଲ୍ଲାର ୧୦ ବର୍ଷରୁ ଉର୍ଦ୍ଧ୍ୱ SRP ରୋଗୀ ମାନଙ୍କୁ ତତ୍ତ୍ୱାବଧାନରେ ରଖାଯିବ ।

୩. ଅନ୍ତରଙ୍ଗ ସାଇ କାର୍ଯ୍ୟକ୍ରମକୁ ଏକ ବାର୍ଷିକ କାର୍ଯ୍ୟକ୍ରମ ଭାବରେ କରାଯିବ (ନଭେମ୍ବର ରୁ ଫେବୃୟାରୀ ମଧ୍ୟରେ )

୪. ସର୍ବନିମ୍ନ ୫୦ ଜଣ SRP ରୋଗୀ ମାନଙ୍କୁ ପର୍ତ୍ତିଯାତ୍ରା କାର୍ଯ୍ୟକ୍ରମରେ ସାମିଲ କରାଯିବ ।

୫. SRP ପରିବାର ମାନଙ୍କ ପାଇଁ ବାର୍ଷିକ ସନାତନ ସାରଥି ଏବଂ ବାଲବିକାଶ ପତ୍ରିକା ଯୋଗାଇଦେବା ପାଇଁ ବ୍ୟବସ୍ଥା କରାଯିବ ।

୬. SRP ରୋଗୀ ମାନଙ୍କର ଅନୁଭୂତି ରେକର୍ଡ କରାଯିବ ।

୭. ଭଉଣୀ ମାନଙ୍କ ଦ୍ୱାରା SRP ରୋଗୀ ମାନଙ୍କୁ ଫୋନ ମାଧ୍ୟମରେ ଯୋଗାଯୋଗ କରାଯିବ । (ପ୍ରତ୍ୟେକ ୩ ମାସରେ ଥରେ ରୋଗୀ ମାନଙ୍କୁ ସମ୍ପର୍କ କରାଯିବ । (ମାସକୁ ଥରେ Valve ରୋଗୀ ମାନଙ୍କ ସହ ସମ୍ପର୍କ କରାଯିବ ।)

**ଶ୍ରୀ ସତ୍ୟସାଇ ସାମଗ୍ରିକ ସ୍ୱାସ୍ଥ୍ୟ ସେବା (Sri Sathya Sai Holistic Health Camps)**

୧ . ପ୍ରତ୍ୟେକ ଜିଲ୍ଲାରେ ମାସକୁ ଅନ୍ତତଃ ଥରେ ଗୋଟିଏ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହେବ ।

୨. ଯେଉଁଠାରେ ନିୟମିତ ସ୍ୱାସ୍ଥ୍ୟ ସେବା କେନ୍ଦ୍ର ରହିଛି , ମାସକୁ ଅନ୍ତତଃ ଥରେ ଗୋଟିଏ ଗ୍ରାମରେ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହେବ ।

**ଡାକ୍ତର ମାନଙ୍କ ସମ୍ପୃକ୍ତି**

୧. ପ୍ରଶାନ୍ତି ସେବା ପାଇଁ ଡାକ୍ତର ମାନଙ୍କୁ ଉତ୍ସାହିତ କରିବା ।

୨. ଭୁବନେଶ୍ୱର,ବ୍ରହ୍ମପୁର, ସମ୍ବଲପୁର, ଭଦ୍ରକ, ରାୟଗଡା ଇତ୍ୟାଦି ଜିଲ୍ଲାରେ ଏବଂ ଅନ୍ୟ ଜିଲ୍ଲାରେ ଯେଉଁଠି ସମ୍ଭବ ସେଠାରେ ଡାକ୍ତର ମାନଙ୍କ ପାଇଁ କର୍ମଶାଳା, ପାଠଚକ୍ର , ସମ୍ମିଳନୀ ଇତ୍ୟାଦି ଆୟୋଜନ କରାଯିବ ।

**ବିଦ୍ୟାଳୟ ସ୍ୱାସ୍ଥ୍ୟ ସେବା କାର୍ଯ୍ୟକ୍ରମ**

୧.ଏ ବର୍ଷ ଜୁଲାଇ ଶେଷ ସୁଦ୍ଧା ସମସ୍ତ ସ୍କୁଲରେ ସ୍ୱାସ୍ଥ୍ୟ ପରୀକ୍ଷା ସରିବ ।

୨.ଶ୍ରୀ ସତ୍ୟସାଇ ବିଦ୍ୟାଳୟ ଏବଂ ଶ୍ରୀ ସତ୍ୟସାଇ ବିଦ୍ୟା ଜ୍ୟୋତି ବିଦ୍ୟାଳୟ ମାନଙ୍କର ଦୁଇ ଜଣ ଶିକ୍ଷକ / ଶିକ୍ଷୟିତ୍ରୀ ମାନଙ୍କୁ ପ୍ରାଥମିକ ଚିକିତ୍ସା, ପିଲାମାନଙ୍କର ଯତ୍ନ (ଦୃଷ୍ଟି ଶକ୍ତି ପରୀକ୍ଷା ) ସାଧାରଣ ଯତ୍ନ ବିଷୟରେ ଏକ ଦିନିକିଆ ପ୍ରଶିକ୍ଷଣ ବ୍ୟବସ୍ଥା କରାଯିବ ।(ସମ୍ଭବତଃ ଜୁନ ମାସର ପ୍ରଥମ ଶନିବାର )

**ରକ୍ତଦାନ**

୧. ଅମୃତ ବିନ୍ଦୁ (ମାର୍ଚ୍ଚ ରୁ ଜୁନ )

୨. ପ୍ରେମ ସଞ୍ଜୀବନୀ (ବର୍ଷର ଅନ୍ୟ ସମୟରେ କରାଯାଉଥିବା ରକ୍ତ ଦାନ ଶିବିର )

୨. ଅତ୍ୟାବଶ୍ୟକ ସ୍ଥଳେ ରକ୍ତ ସଂଗ୍ରହ ପାଇଁ ଜିଲ୍ଲା ସ୍ତରରେ ଏକ ସ୍ୱେଚ୍ଛାକୃତ ରକ୍ତ ଦାତା ମାନଙ୍କର ପଞ୍ଜିକା ତିଆରି ହେବ ।

**ସର୍ବେସନ୍ତୁ ନିରାମୟା**

୧.ଏହି କାର୍ଯ୍ୟକ୍ରମ Digital Archive Coordinator ମାନଙ୍କ ସହାୟତାରେ ପ୍ରତ୍ୟେକ ଜିଲ୍ଲାରେ ଅନ୍ତତଃ ଗୋଟିଏ ହେବ ।

୨.ସ୍ୱାସ୍ଥ୍ୟ ସଚେତନତା ଶିକ୍ଷା ଯୋଜନା ବାର ମାସ ପାଇଁ ୧୨ ଗୋଟି ବିଷୟ ବସ୍ତୁକୁ ନେଇ ଗୋଟିଏ କ୍ୟାଲେଣ୍ଡର ପ୍ରସ୍ତୁତ କରାଯିବ । ଶ୍ରୀ ସତ୍ୟସାଇ ସ୍କୁଲ, ଶ୍ରୀ ସତ୍ୟସାଇ ସାମଗ୍ରିକ ସ୍ୱାସ୍ଥ୍ୟ ସେବା କେନ୍ଦ୍ର ଏବଂ ଗାଁ ମାନଙ୍କର ଏହି ସବୁ ବିଷୟ ବସ୍ତୁ ଉପରେ ସ୍ୱାସ୍ଥ୍ୟ ସଚେତନତା ଶିକ୍ଷା ଦିଆଯିବ ।

**ସ୍ୱାସ୍ଥ୍ୟ ସେବା କ୍ୟାଡର**

୧. ସମସ୍ତ ଶ୍ରୀ ସତ୍ୟସାଇ ସାମଗ୍ରିକ ସ୍ୱାସ୍ଥ୍ୟ ସେବା କେନ୍ଦ୍ର ଏବଂ ବାଲେଶ୍ୱର ଜିଲ୍ଲାରେ ପ୍ରାଥମିକ ଚିକିତ୍ସା, ପ୍ରତିଷେଧମୂଳକ ଔଷଧ ଯୋଗାଣ ଉପରେ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ସେବା କ୍ୟାଡର ଚିହ୍ନଟିକରଣ ଏବଂ ପ୍ରଶିକ୍ଷଣ ବ୍ୟବସ୍ଥା କରାଯିବ ।

୨. ଶ୍ରୀ ସତ୍ୟସାଇ ସାମଗ୍ରିକ ସ୍ୱାସ୍ଥ୍ୟ ସେବା କେନ୍ଦ୍ରର ଡାକ୍ତର ଏବଂ ସେବା ଦଳ ମାନଙ୍କୁ ସାଧାରଣ ଚିକିତ୍ସା ସମ୍ବନ୍ଧୀୟ ପ୍ରଶିକ୍ଷଣ , ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକରେ କାର୍ଯ୍ୟ ଦକ୍ଷତା ଏବଂ ପରିଚାଳନା , ଏହାର ଅଭିବୃଦ୍ଧି ଦିଗରେ ଆଲୋଚନା ପାଇଁ ତ୍ରୈମାସିକ ବୈଠକ ଅନୁଷ୍ଠିତ ହେବ ।

**ସାଇ ସୁଦର୍ଶନ**

୧.ପ୍ରତ୍ୟେକ ଜିଲ୍ଲାରେ ଅନ୍ତତଃ ଗୋଟିଏ ଚକ୍ଷୁ ଦାନ ସଚେତନତା ଶିବିର ଅନୁଷ୍ଠିତ ହେବ

୨. ଶ୍ରୀ ସତ୍ୟସାଇ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ମାନଙ୍କର ଦୃଷ୍ଟି ଶକ୍ତି ପରୀକ୍ଷା ହେବ

୩. ଆଖି ଅସ୍ତ୍ରୋପଚାର ଆବଶ୍ୟକ କରୁଥିବା ରୋଗୀ ମାନଙ୍କୁ ନିକଟସ୍ଥ ସରକାରୀ କେନ୍ଦ୍ର ଗୁଡିକରେ ଅସ୍ତ୍ରୋପଚାର କରାଇବା ପାଇଁ ବିହିତ ପରାମର୍ଶ ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବ ।

**ଗ୍ରାମ୍ୟ ଧନ୍ଦା ମୂଳକ ପ୍ରଶିକ୍ଷଣ ଶିବିର (Rural Vocational Training Centre)**

- ବର୍ତ୍ତମାନ ସୁଦ୍ଧା RVTC ଭୁବନେଶ୍ୱର ରାହାମ୍ବା (ମୋବାଇଲ ୟୁନିଟ) ଏବଂ ପାରାଦ୍ୱୀପରେ ଚାଲୁଅଛି ।
- ରାୟଗଡାର ଆମ୍ବାଦୋଳାରେ ଆଞ୍ଚଳିକ ଧନ୍ଦା ମୂଳକ ପ୍ରଶିକ୍ଷଣ ଶିବିର ଏବଂ ଭଦ୍ରକ -୨ ଜିଲ୍ଲାରେ ମୋବାଇଲ ଧନ୍ଦା ମୂଳକ ପ୍ରଶିକ୍ଷଣ ଶିବିର ଆରମ୍ଭ କରାଯିବାର ଯୋଜନା ରହିଛି ।
- ଚଳିତ ବର୍ଷ ମୁଖ୍ୟତଃ ଗ୍ରାମାଞ୍ଚଳରେ ଜନଜାତି ଯୁବ ଭାଇ /ଭଉଣୀ ମାନଙ୍କୁ ଧନ୍ଦା ମୂଳକ ପ୍ରଶିକ୍ଷଣ ଦେବାର ଯୋଜନା ରହିଛି ।

**ସାଇ ପ୍ରେମଧାରା (ମା ଓ ଶିଶୁ ଙ୍କର ଯତ୍ନ )**

- ସାଇ ପ୍ରେମଧାରା କାର୍ଯ୍ୟକ୍ରମ ଆଗରୁ ଦିଆ ଯାଇଥିବା ମାର୍ଗଦର୍ଶିକା ଅନୁଯାୟୀ ସବୁ ସମିତିରେ କରାଯିବ ।
- ଶ୍ରୀ ସତ୍ୟସାଇ ପୂର୍ଣ୍ଣାଙ୍ଗ ଗ୍ରାମୀଣ ଯୋଜନା ଅନ୍ତର୍ଗତ ଗ୍ରାମ ଗୁଡିକରେ ଅନ୍ତତଃ ପକ୍ଷେ ମାସକୁ ଥରେ ମହିଳା ବିଭାଗ ଦ୍ୱାରା ସାଇ ପ୍ରେମଧାରା କାର୍ଯ୍ୟକ୍ରମ କରାଯିବ ।
- ଅଙ୍ଗନ ୱାଡି, ଆଶା କର୍ମୀ ଇତ୍ୟାଦି ସରକାରୀ ସଂସ୍ଥା ଗୁଡିକ ସହିତ ଯୋଗାଯୋଗ କରି ଏ କାର୍ଯ୍ୟକ୍ରମଟିକୁ କରାଯିବ ।
- ଡାକ୍ତର ମାନଙ୍କ ପରାମର୍ଶ କ୍ରମେ ମା ଓ ଶିଶୁ ମାନଙ୍କର ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ଥିଲେ ନିକଟସ୍ଥ ସରକାରୀ ଡାକ୍ତର ଖାନାକୁ ପଠାଇବାର ବ୍ୟବସ୍ଥା କରାଯିବ ।
- ଗର୍ଭବତୀ ମା ଓ ସ୍ତନ୍ୟପାନ କରାଉଥିବା ମା ଓ ଶିଶୁ ମାନଙ୍କୁ ସ୍ୱାସ୍ଥ୍ୟ ଯତ୍ନ ବିଷୟରେ ସଚେତନତା ସୃଷ୍ଟି କରାଯିବ ।
- ୩ ମାସରେ ଥରେ ରାଜ୍ୟ ସଂଗଠନର କର୍ମକର୍ତ୍ତା ଜିଲ୍ଲା ସ୍ତରକୁ ଯାଇ ଏହି କାର୍ଯ୍ୟକ୍ରମରେ ସାମିଲ ହେବେ । (ଏ ସକ୍ରାନ୍ତରେ ଜିଲ୍ଲା ସେବାଦଳ ସଂଯୋଜିକା ରାଜ୍ୟ ସଂଗଠନକୁ ଜଣାଇବେ )
- ସାଇ ପ୍ରେମଧାରା ସମ୍ପର୍କିତ କାର୍ଯ୍ୟକ୍ରମର ସବିଶେଷ ବିବରଣୀ, ସଫଳତାର କାହାଣୀ, ଉପଯୁକ୍ତ ଫଟୋ ସହ ରାଜ୍ୟ ସଙ୍ଗଠନକୁ ପଠାଯିବ ।

**ରିପୋର୍ଟିଙ୍ଗ ଏବଂ ସମୀକ୍ଷା**

ସ୍ୱାସ୍ଥ୍ୟ ସେବା ସମ୍ବନ୍ଧୀୟ ସମସ୍ତ କାର୍ଯ୍ୟକ୍ରମର ରିପୋର୍ଟ , ସେ ସମ୍ବନ୍ଧୀୟ କିଛି ଭଲ ଫଟୋ ଏବଂ ସଠିକ ତଥ୍ୟ ରାଜ୍ୟ ସ୍ୱାସ୍ଥ୍ୟ ସେବା ଇନଚାର୍ଜ / ସଂଯୋଜକଙ୍କୁ ତତକ୍ଷଣାତ ପଠାଇବେ । ଏହାର ଏକକିତା ନକଲ ଜିଲ୍ଲା ସଂଯୋଜକ ଏବଂ ରାଜ୍ୟ IT ସଂଯୋଜକଙ୍କୁ ପଠାଇବେ । ସଂକଳ୍ପ ୨୦୨୦ ଅନୁସାରେ କାର୍ଯ୍ୟଧାରା ଏବଂ ଯୋଜନା ବିଷୟରେ ଆଲୋଚନା କରିବା ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ସେବା କମିଟିର ସଦସ୍ୟ ମାନଙ୍କର ତ୍ରୈମାସିକ ବୈଠକ ଅନୁଷ୍ଠିତ ହେବ ।

# ସେବାର ବର୍ଷ

- ୧୮ଟି  ଆଦର୍ଶ ଗ୍ରାମର ଚୟନ କରି ଭଗବାନଙ୍କ ପାଦପଦ୍ମରେ ଅର୍ପଣ କରିବା ।
- ୨୪ ଏପ୍ରିଲ ୨୦୨୦ ପୂର୍ବରୁ ପ୍ରତ୍ୟେକ ସମିତି ଏକ ସ୍ୱତନ୍ତ୍ର ସେବା କାର୍ଯ୍ୟକ୍ରମ ବାଛିବେ ଓ କାର୍ଯ୍ୟକାରୀ କରିବେ । ଏହା ଆଗାମୀ ୫ ବର୍ଷ ଅର୍ଥାତ ଭଗବାନଙ୍କର ଜନ୍ମ  ଶତବାର୍ଷିକୀ ପର୍ଯ୍ୟନ୍ତ ଜାରି ରହିବ ।
- ସାରା ଦେଶରେ ସମସ୍ତ ସେବାଦଳ ଓ ଆଶ୍ରିତମାନେ ୧୮ ଅକ୍ଟୋବର ୨୦୨୦ କୁ ସ୍ୱଚ୍ଛତା  ଦିବସ ରୂପେ  ପାଳନ  କରିବେ । ସମସ୍ତେ ଗୋଟିଏ ଦିନରେ  ଏକ ମିଲିୟନ  ଘଣ୍ଟା ଶ୍ରମଦାନ ଭଗବାନଙ୍କ ପାଦପଦ୍ମରେ  ଅର୍ପଣ କରିବେ ।
- ଅଗଷ୍ଟ ୨୦୨୦ ଶେଷ ସୁଦ୍ଧା ପ୍ରବନ୍ଧ ଏବଂ ବକ୍ତୃତା ପ୍ରତିଯୋଗୀତା ସମସ୍ତ ବିଦ୍ୟାଳୟ ଏବଂ ମହା ବିଦ୍ୟାଳୟରେ ପାଳନ କରାଯିବ । ବିଷୟ ବସ୍ତୁ: ପରୋପକାରାର୍ଥମ ଇଦଂ ଶରୀରମ, ମାନବ ସେବା ମାଧବ ସେବା  ।
- ପାଠଚକ୍ର ଏବଂ ସାଧନା ଶିବିର ବିଷୟ ବସ୍ତୁ : "ସେବା ଏକ ସାଧନା"  ରହିବ ।
- ୩୧ମାର୍ଚ୍ଚ,୨୦୨୦ପୂର୍ବରୁ ସମସ୍ତ ଜିଲ୍ଲା ଏକ ଉତ୍କୃଷ୍ଟ ସେବାର ଚୟନ କରିବେ ଯାହାକି ପରବର୍ତ୍ତୀ ପର୍ଯ୍ୟାୟରେ  ଜାତୀୟ ସ୍ତରରେ ପ୍ରଦର୍ଶିତ ହେବ ।
- **"ପ୍ରଶାନ୍ତି ସେବା"**  – ଏକ ସାଧନା, ୧୦ ଦିନର ଏହା ଏକ ତପସ୍ୟା । ସେବା ଶେଷରେ ଆମ ସମସ୍ତଙ୍କର ଯେପରି ଆଧ୍ୟାତ୍ମିକ ଅନୁଭୂତି ପ୍ରାପ୍ତ ହେବ – ଚଳିତ ବର୍ଷ ଆମ ସମସ୍ତଙ୍କର ଏହା ମିଳିତ ପ୍ରୟାସ ହେଉ ।
- ୧ମାର୍ଚ୍ଚ ପୂର୍ବରୁ ସମସ୍ତ ସମିତି, ବୟସ୍କ ସେବାଦଳ (ମଉସା/ମାଉସୀ) ଯେଉଁମାନେ ରୋଗଗ୍ରସ୍ତ କିମ୍ବା ଏକୁଟିଆ  ରହୁଛନ୍ତି, ସେମାନଙ୍କର ଚିହ୍ନଟିକରଣ କରି ସେମାନଙ୍କୁ ଆବଶ୍ୟକୀୟ ସହାୟତା ପ୍ରଦାନ କରିବେ । ଏ ସମ୍ବନ୍ଧୀୟ ଏକ କ୍ଷୁଦ୍ର ରିପୋର୍ଟ ୧୫ ମାର୍ଚ୍ଚ ପୂର୍ବରୁ ରାଜ୍ୟ ସଙ୍ଗଠନକୁ ପଠାଇବେ ।
- **ସାଇ ସବୁଜିମା** : ଚଳିତ ବର୍ଷ ସଜନା, ତୁଳସୀ ଏବଂ ନିମ୍ବ ଗଛ  ଲଗାଇବାକୁ ପ୍ରାଧାନ୍ୟ ଦିଆଯିବ।ଏ ସବୁ ଗଛ ମାନଙ୍କର ଔଷଧୀୟ ଗୁଣ ରହିଛି । ଏହାକୁ ପ୍ରଥମେ ବ୍ୟକ୍ତିଗତ ସ୍ତରରେ ଆରମ୍ଭ କରି ସମିତି ଏବଂ  ଜିଲ୍ଲା ସ୍ତରରେ କରାଯିବ ।
- **ଜଳ ସେବା** : ଯେଉଁ ସବୁ ଜାଗାରେ ଆଗରୁ ନିର୍ମଳ ଝର ପ୍ରକଳ୍ପ ନିର୍ମିତ ହୋଇଛି କିମ୍ବା ସର୍ବସାଧାରଣ ସ୍ଥାନରେ ଥଣ୍ଡା ପାନୀୟ ଜଳ ମେସିନ ଲଗା ହୋଇଛି , ସେ ଗୁଡିକର ରକ୍ଷଣାବେକ୍ଷଣ , ପରିଷ୍କାର ପରିଚ୍ଛନ୍ନତା ଓ ପବିତ୍ରତା ରକ୍ଷା ଦିଗରେ କାର୍ଯ୍ୟ କରାଯିବ  ।
- ଜଳ  ସଂରକ୍ଷଣ, ବର୍ଷା ଜଳ ସଂଗୃହିତ କରି ରଖିବା ଏବଂ ଏହାର ବ୍ୟବହାର ଦିଗରେ ସଚେତନତା ସୃଷ୍ଟି କରାଯିବ ।
- ସ୍ଥାନୀୟ ଅଞ୍ଚଳର ମେଳା /ଯାତ୍ରା /ବାର୍ଷିକୋତ୍ସବରେ ଉତ୍ତମ ମାନର ସେବା ପରିବେଷଣ କରିବା  ।
- ମାନବ ସମାଜ ପ୍ରତି ଅର୍ପିତ ହୋଇଥିବା ଭଗବାଙ୍କର ସେବା ପ୍ରକଳ୍ପ ଗୁଡିକ ଉପରେ ପ୍ରତ୍ୟେକ ଜିଲ୍ଲା ହୋଡିଙ୍ଗ ପ୍ରଦର୍ଶନ କରିବେ ।

# ଶିକ୍ଷା ବିଭାଗ

ପ୍ରତି ବର୍ଷ ପରି ଆରାଧନା ମହୋତ୍ସବ (ଏପ୍ରିଲ ୧ ରୁ ୩୦ ), ପରିବାର ସହଭାଗିତା ସପ୍ତାହ (ମେ ୧ ରୁ ୬ ), ସ୍ୱଚ୍ଛତ୍ୱ ରୁ ଦିବ୍ୟତ୍ୱ (ଅକ୍ଟୋବର ୨ ରୁ ୨୦ ) ଅନୁଷ୍ଠିତ ହେବ ।

**ସେବା ମହୋତ୍ସବ :**

୨୦୨୦ ସେବା ବର୍ଷକୁ ଦୃଷ୍ଟିରେ ରଖି ଜୁନ ୧ ରୁ ୩୦ ତାରିଖ ପର୍ଯ୍ୟନ୍ତ ସେବା ମହୋତ୍ସବ ପାଳନ କରାଯିବ ।

- ଏକ ସେବା ସାଧନା ଦିନଲିପିର ଫର୍ମାଟ ରାଜ୍ୟ ସ୍ତରରୁ ଯୋଗାଇ ଦିଆଯିବ । ଯାହାକୁ ପ୍ରତ୍ୟେକ ବାଳବିକାଶ ଛାତ୍ରଛାତ୍ରୀ ପୂରଣ କରିବେ । ଏଥିରେ ବ୍ୟକ୍ତିଗତ, ପାରିବାରିକ ଓ ସାମୂହିକ ସେବା ଉପରେ ଗୁରୁତ୍ୱ ଦିଆଯିବ ।
- ମାସ ଶେଷରେ ଦିନଳିପିରେ ପିତାମାତା ଅଭିମତ ଦେବେ ଓ ତାହା ଭଗବାନଙ୍କ ପାଦପଦ୍ମରେ ସମର୍ପିତ ହେବ ।
- ଏହି ମହୋତ୍ସବରେ କରାଯାଇପାରୁଥିବା କାର୍ଯ୍ୟକ୍ରମର ଏକ ତାଲିକା ଗୁରୁମାନଙ୍କର ଗୋଚରାର୍ଥେ ଦିଆଯାଇଅଛି ।

**<u>ପ୍ରାକ ସେବାଦଳ</u>**

- ପ୍ରାକ ସେବାଦଳ କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦିଆଯାଇ ପ୍ରତ୍ୟେକ ଜିଲ୍ଲା ବା ମଣ୍ଡଳ ସ୍ତରରେ ମେଣ୍ଟର  ଓ ସହାୟକ ମାନଙ୍କର ତାଲିମ ଶିବିର କରାଯିବ । ରାଜ୍ୟ ସ୍ତରରେ ଏହି ତାଲିମ ଶିବିର ଢେଙ୍କାନାଳ ଠାରେ ୧୧-୧୨ ଏପ୍ରିଲରେ ଅନୁଷ୍ଠିତ ହେବ ।
- ପ୍ରାକ ସେବାଦଳ ଗୁରୁ ମାନଙ୍କ ପାଇଁ ମାର୍ଗଦୀପିକା ପ୍ରକାଶିତ ହେବ ।
- ପ୍ରାକ ସେବାଦଳ ଶେଷ କରିଥିବା ପିଲାମାନଙ୍କୁ ପ୍ରଶାନ୍ତି ସେବାରେ ଯୋଗଦାନ ପାଇଁ ଉତ୍ସାହିତ କରାଯିବ ।
- ପ୍ରାକ ସେବାଦଳ ପିଲାମାନଙ୍କ ଦ୍ୱାରା ସେବା କାର୍ଯ୍ୟକ୍ରମ ଗୁଡିକର ୫ ମିନିଟ ଭିତରେ ଭିଡିଓ  ଡକ୍ୟୁମେଣ୍ଟାରି ପ୍ରସ୍ତୁତ କରିବାକୁ ପ୍ରୋତ୍ସାହିତ କରି ଶ୍ରେଷ୍ଠ ବିବେଚିତ ଡକ୍ୟୁମେଣ୍ଟାରି  ଗୁଡିକୁ ରାଜ୍ୟ ପ୍ରାକ ସେବାଦଳ ସମାବର୍ତ୍ତନ ଉତ୍ସବରେ ପୁରସ୍କୃତ କରାଯିବ ।
- ରାଜ୍ୟ ପ୍ରାକ ସେବାଦଳ ସମାବର୍ତ୍ତନ  ଉତ୍ସବ ଅକ୍ଟୋବର ୧୦-୧୧ ତାରିଖରେ ଗଞ୍ଜାମ-୧ ଜିଲ୍ଲାରେ ଅନୁଷ୍ଠିତ ହେବ ।

**<u>ବାଳବିକାଶ ପିଲା ମାନଙ୍କ ପାଇଁ ସେବା</u>**

ସଂଗଠନ ମାଧ୍ୟମରେ ବାଳବିକାଶ ପିଲାମାନଙ୍କ ପାଇଁ ନିମ୍ନ ସେବା କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦିଆଯିବ ।

- ପ୍ରତ୍ୟେକ ଶିଶୁଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରି ରେକର୍ଡ ରଖିବା ।
- ଶାରୀରିକ ଦୁର୍ବଳ ପିଲାମାନଙ୍କୁ ସାଇ ପ୍ରେମଧାରା କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରିବା ।
- ଆର୍ଥିକ ଦୁର୍ବଳ ପିଲାମାନଙ୍କୁ ଶିକ୍ଷା ପାଇଁ ଆବଶ୍ୟକୀୟ ସହାୟତା ।

- ଆବଶ୍ୟକ ସ୍ଥଳେ ନିତ୍ୟ ଶିକ୍ଷାଦାନର ବ୍ୟବସ୍ଥା ।
- ଜିଲ୍ଲାର ପ୍ରମୁଖ ସାଇ ଆଶ୍ରିତଙ୍କ ସ୍ମୃତିରେ ଶିକ୍ଷା ବୃତ୍ତି ପ୍ରଦାନ ।

**ପାରିବାରିକ ବାଳବିକାଶ**

ବାଳବିକାଶର ସଂଖ୍ୟାତ୍ମକ ବୃଦ୍ଧି ପାଇଁ ବିଭିନ୍ନ ସ୍ଥାନରେ ପାରିବାରିକ ବାଳବିକାଶ ଆରମ୍ଭ କରାଯାଇପାରେ । ଏଠାରେ ଅଣପାରମ୍ପରିକ ଢଙ୍ଗରେ ଛୋଟ ଛୋଟ ପିଲା ମାନଙ୍କୁ ଏକାଠି କରି ଗଳ୍ପ, ଖେଳ ଆଦି ଖେଳାଇ ଈଶ୍ୱରଙ୍କ ପ୍ରତି ଆଗ୍ରହ ସୃଷ୍ଟି କରିବାକୁ ପ୍ରଯତ୍ନ କରିବେ । ପିଲାମାନେ ବଡ ହୋଇଥିଲେ ପାଖ ପାରମ୍ପରିକ ବାଳବିକାଶ କେନ୍ଦ୍ରକୁ ଯିବେ । ବିଶେଷ କରି ଭଜନ କେନ୍ଦ୍ର ମାନଙ୍କରେ ଓ ଯେଉଁ ଅଞ୍ଚଳରେ ସଂଗଠନ ସକ୍ରିୟ ନାହିଁ ସେଠାରେ ଏପରି କେନ୍ଦ୍ର ଗୁଡିକୁ ପ୍ରାଧାନ୍ୟ ଦିଆଯିବ । ଏହି କେନ୍ଦ୍ର ଗୁଡିକ ବର୍ତ୍ତମାନ ଚାଲୁଥିବା ବାଳବିକାଶ କେନ୍ଦ୍ରର ନିକଟବର୍ତ୍ତୀ ସ୍ଥାନରେ ନହେବା ଦରକାର । ଯେଉଁଠାରେ ଏହିପରି ପାରିବାରିକ ବାଳବିକାଶ ଚାଲିବ, ତାହା ଆବାହକଙ୍କ ଉପସ୍ଥିତିରେ ଆରମ୍ଭ ହେବା ସହ ତାହାର ବାତାବରଣ ଶୁଦ୍ଧ ଓ ପବିତ୍ର ରହିବା ଦରକାର ।

**ଗୁରୁ ତାଲିମ କର୍ମଶାଳା**

ଚଳିତ ବର୍ଷ ପ୍ରତ୍ୟେକ ଜିଲ୍ଲା ସମିତି ସ୍ତରରେ ଗୁରୁ ମାନଙ୍କର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଗୁରୁ ତାଲିମ ଶିବିର /କର୍ମଶାଳା କରିବାକୁ ଅନୁରୋଧ । ରାଜ୍ୟ ସ୍ତରୀୟ ଗ୍ରୁପ -୩ ଗୁରୁ ତାଲିମ କର୍ମଶାଳା ସମ୍ବଲପୁର ଠାରେ ମାର୍ଚ୍ଚ ୧୪-୧୫ ରେ ଅନୁଷ୍ଠିତ ହେବ । ଏତଦ ବ୍ୟତୀତ ସ୍ୱାସ୍ଥ୍ୟ ଓ ସ୍ୱାସ୍ଥ୍ୟ ରକ୍ଷା ସମ୍ପର୍କିତ କର୍ମଶାଳା ଭୁବନେଶ୍ୱରରେ ଜୁଲାଇ ୧୧-୧୨ ଓ ଗ୍ରୁପ -୩ ପିଲାମାନଙ୍କର ଆନନ୍ଦ ମହୋତ୍ସବ ବରଗଡ ଜିଲ୍ଲାରେ ଡିସେମ୍ବର ୨୫ ରୁ ୨୭ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ।

**ଅଭିଭାବକ ସମାବେଶ ଓ ସକ୍ରିୟ ଅଭିଭାବକତ୍ୱ କର୍ମଶାଳା**

ଚଳିତ ବର୍ଷ ପ୍ରତ୍ୟେକ ବାଳବିକାଶ କେନ୍ଦ୍ରରେ ଅଭିଭାବକ ସମାବେଶ କରିବାକୁ ନିଷ୍ପତ୍ତି ନିଆଗଲା । ଏତଦ ବ୍ୟତୀତ ସମସ୍ତ ବାଳବିକାଶ ଉତ୍କର୍ଷ ପୁରସ୍କାର ପାଇଥିବା କେନ୍ଦ୍ରଗୁଡ଼ିକରେ ସକ୍ରିୟ ଅଭିଭାବକତ୍ୱ ଓ ଗାଇଡାନ୍ସ କାର୍ଯ୍ୟକ୍ରମ କରାଯିବ । ରାଜ୍ୟ ତରଫରୁ ଭାଇ ଶ୍ରୀ ସତ୍ୟ ବିଭୁତି ସାହୁଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯିବ ।

ଫେବୃୟାରୀ ୨୦୨୦ ସୁଦ୍ଧା ପ୍ରତ୍ୟେକ ଜିଲ୍ଲା ଦୁଇ ଜଣ ଭାଇ /ଭଉଣୀଙ୍କୁ ଚୟନ କରି ଏହି ଦାୟିତ୍ୱ ଦେବା ପାଇଁ ଅନୁରୋଧ ।

ମାର୍ଚ୍ଚ ୨୦୨୦ ମଧରେ ମଣ୍ଡଳ ସ୍ତରୀୟ କର୍ମଶାଳା ଆୟୋଜନ କରାଯିବ ।

ମେ ୨୦୨୦ ମଧରେ ପ୍ରତ୍ୟେକ ବାଳବିକାଶ କେନ୍ଦ୍ରରେ ଅଭିଭାବକ ସମାବେଶ ଆୟୋଜନ କରାଯିବ ।

ସେପ୍ଟେମ୍ବର ୨୦୨୦ ସୁଦ୍ଧା – ପ୍ରତ୍ୟେକ ଆଦର୍ଶ ବାଳବିକାଶ କେନ୍ଦ୍ରରେ ସକ୍ରିୟ ଅଭିଭାବକତ୍ୱ କର୍ମଶାଳା ଓ ପାଠଚକ୍ରର ଆୟୋଜନ ।

**ବାଳବିକାଶ ସିମ୍ଫୋନି**

ବାଳବିକାଶ ସିମ୍ଫୋନିକୁ ଗୁରୁତ୍ୱର ସହ ନେଇ ପ୍ରତ୍ୟେକ ଜିଲ୍ଲା ପିଲାମାନଙ୍କୁ ଚୟନ କରିବା ଦରକାର । ସମିତିରେ ପ୍ରତ୍ୟେକ ମାସର ଗୋଟିଏ ଭଜନ ଦିନକୁ ବାଳବିକାଶ ପିଲାମାନଙ୍କ ଦ୍ୱାରା ପରିଚାଳିତ କରାଯାଇପାରେ ।

**ଅନ୍ୟାନ୍ୟ : ନିମ୍ନ କାର୍ଯ୍ୟକ୍ରମ ଗୁଡିକୁ ଚଳିତ ବର୍ଷ ପ୍ରାଧାନ୍ୟ ଦିଆଯିବ –**

- ବାଳବିକାଶରେ ବିଭିନ୍ନ Technology ର ପ୍ରୟୋଗ ମାଧ୍ୟମରେ ତାଲିମ ପ୍ରଦାନ ପାଇଁ ପ୍ରଚେଷ୍ଟା
- ଜିଲ୍ଲା ସ୍ତରରେ ବାଳବିକାଶ ପୁରାତନ ଛାତ୍ରଛାତ୍ରୀ ସମାବେଶ
- ରାଜ୍ୟ ସଂଯୋଜକ/ରାଜ୍ୟ ବାଳବିକାଶ କାର୍ଯ୍ୟ ଉନ୍ନୟନ ସଦସ୍ୟ ମାନଙ୍କ ଦ୍ୱାରା ବାଳବିକାଶ ଦର୍ଶନ କାର୍ଯ୍ୟକ୍ରମ
- ପୁରାତନ ବୟସ୍କ ବାଳବିକାଶ ଗୁରୁମାନଙ୍କର ଅନୁଭୂତିର ଭିଡିଓ ସଂକଳନ
- ଜିଲ୍ଲା ସ୍ତରରେ Teaching Aids ଗୁଡିକର ପ୍ରସ୍ତୁତି
- ପ୍ରତ୍ୟେକ ଜିଲ୍ଲା ଅନ୍ତତଃ ଗୋଟିଏ ବାଳବିକାଶ କେନ୍ଦ୍ରକୁ ଚୟନ କରି ଆଦର୍ଶ କେନ୍ଦ୍ରରେ ପରିଣତ କରିବାକୁ ପ୍ରଚେଷ୍ଟା କରିବେ ।

**ବିଦ୍ୟାଳୟ ବାଳବିକାଶ**

ଶ୍ରୀ ସତ୍ୟସାଇ ବିଦ୍ୟାଳୟ ମାନଙ୍କରେ ବାଳବିକାଶ ପରିଚାଳନା ପାଇଁ ନିମ୍ନ ଲିଖିତ ନିଷ୍ପତ୍ତି ଗୁଡିକ ଗ୍ରହଣ କରାଯାଇଅଛି ।

୧. ପାଠଚକ୍ର – ପ୍ରତ୍ୟେକ ୨ୟ/୪ର୍ଥ ଶନିବାର ଦିନ ପ୍ରତ୍ୟେକ ସ୍କୁଲରେ ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ ମାନଙ୍କ ପାଇଁ ଅନୁଷ୍ଠିତ ହେବ ।

୨ ଗୁରୁ ତାଲିମ ଶିବିର – ରାଜ୍ୟ ସ୍ତରୀୟ ଗୁରୁ ତାଲିମ ଶ୍ରୀ ସତ୍ୟସାଇ ବିଦ୍ୟା ବିହାର ବାଲେଶ୍ୱରଠାରେ ଫେବୃୟାରୀ ୧ ଓ ୨ ରେ ଅନୁଷ୍ଠିତ ହେବ ।

୩ ପିଲାମାନଙ୍କ ପାଇଁ ଗ୍ରୀଷ୍ମ କାଳୀନ ସାଧନା ଶିବିର ଓ ପ୍ରଦର୍ଶନୀ ଏପ୍ରିଲ ୧୦,୧୧ ଓ ୧୨ ରେ ଶ୍ରୀ ସତ୍ୟସାଇ ବିଦ୍ୟାଳୟ କଟକଠାରେ ଅନୁଷ୍ଠିତ ହେବ ।

୪ ଶିକ୍ଷକ ମାନଙ୍କ ପାଇଁ ଗ୍ରୀଷ୍ମ କାଳୀନ ଶିବିର ବିଦ୍ୟାଳୟ ସ୍ତରରେ ବା ଦୁଇ ତିନୋଟି ବିଦ୍ୟାଳୟ ମିଶି କରିପାରନ୍ତି ।

୫ ୧୧ ଜୁଲାଇ ଦିନ ପ୍ରତ୍ୟେକ ବିଦ୍ୟାଳୟରେ ଅଭିଭାବକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।

୬ ୧୪ ଅଗଷ୍ଟ ରେ ପ୍ରତ୍ୟେକ ବିଦ୍ୟାଳୟରେ ଶିକ୍ଷକ ମାନଙ୍କ ପାଇଁ ସାଧନା ଶିବିର ଅନୁଷ୍ଠିତ ହେବ ।

୭ ପରିଚାଳନା କମିଟି ସଦସ୍ୟ ମାନଙ୍କର ଏକ ଆଧ୍ୟାତ୍ମିକ ଶିବିର ୧୨-୧୩ ସେପ୍ଟେମ୍ବର ଶ୍ରୀ ସତ୍ୟସାଇ ବିଦ୍ୟା ବିହାର, ଭଞ୍ଜନଗର ଠାରେ ଅନୁଷ୍ଠିତ ହେବ ।

୮ ୨୧ ନଭେମ୍ବର ୨୦୨୦ରେ ପ୍ରତ୍ୟେକ ବିଦ୍ୟାଳୟରେ ବାଳବିକାଶ ଦିବସ ପାଳନ ସହ ମୂଲ୍ୟବୋଧ ଯାତ୍ରା ଅନୁଷ୍ଠିତ ହେବ ।

୯ ୨୦୨୧ ରାଜ୍ୟ ସମ୍ମିଳନୀ ବେଳକୁ "ବିଦ୍ୟାଳୟ ବୈଭବ " ନାମରେ ଏକ Coffee table ପୁସ୍ତକ ପ୍ରସ୍ତୁତ କରାଯିବ ।

# ବାଳବିକାଶ ପିଲାମାନଙ୍କ ଦ୍ୱାରା କରାଯାଇ ପାରୁଥିବା  କିଛି କାର୍ଯ୍ୟକ୍ରମର ସୂଚନା

**ବ୍ୟକ୍ତିଗତ ସେବା :**

୧ ଖାଇବା ପୂର୍ବରୁ ଓ ଖେଳିସାରି ଆସିବା ପରେ ସାବୁନରେ ଭଲ ଭାବରେ ହାତ ଧୋଇବା ।

୨ ପ୍ରତ୍ୟେକ ଥର ଖାଇବା ପରେ ଭଲକରି କୁଲୁକୁଲୁ କରି ମୁହଁ ଧୋଇବା ।

୩ ସକାଳୁ ଉଠିବା ପରେ ବିଳମ୍ବ ନ କରି ଦାନ୍ତ ଘଷିବା ଓ ଶୋଇବାକୁ ଯିବା ପୂର୍ବରୁ ଦାନ୍ତ ଘଷିବା ।

୪ ଦେହରେ ତେଲ ବା  ସାବୁନ ଲଗାଇ ଭଲ ଭାବରେ ଘଷି ହୋଇ ପରିଷ୍କାର ଜଳରେ ଗାଧୋଇବା ।

୫ ନଖ କାଟି ପରିଷ୍କାର ରଖିବା ।

୬ ମୁଣ୍ଡ କୁଣ୍ଡାଇ କେଶକୁ ପରିଷ୍କାର ରଖିବା ।

୭ ବାହାରକୁ ଶୌଚ ପାଇଁ ନ ଯାଇ ପାଇଖାନା ବ୍ୟବହାର କରିବା ।

୮ ଖାଦ୍ୟରେ ମାଛି ଯେପରି ନ ବସନ୍ତି ସେଥିପାଇଁ ଯତ୍ନବାନ ହେବା ।

୯ ପରିଷ୍କାର ପାନୀୟ ଜଳ ବ୍ୟବହାର କରିବା ।

**ପାରିବାରିକ ସେବା**

୧ ନିଜର ବହିପତ୍ର, ଲୁଗାପଟା, ଜୋତା, ମୋଜା ଆଦି ସଜାଡି ରଖିବା ।

୨ ପିତାମାତା ଭାଇ ଭଉଣୀଙ୍କ ସହ ମିଶି ଘରର ଜିନିଷପତ୍ର ଥାକ ଆଦି ସଫା କରି ସୁନ୍ଦର ଭାବରେ ସଜାଇ ରଖିବା ।

୩ ଘରର ଚାରିପଟ ଅନାବନା ଗଛ ସଫା କରିବା ।

୪ ଘର ଚାରିପଟେ ଫୁଲଗଛ , ତୁଳସୀ ଗଛ, ଔଷଧୀୟ ଗଛ ଆଦି ଲଗାଇବା ।

୫ ଘର ଚାରିପଟେ, ଛାତ ଉପରେ ପାଣି ଯେପରି କେଉଁଠି ଜମି ନ ରୁହେ , ତାହା ଲକ୍ଷ୍ୟ କରିବା ।

୬ ଘରର ପାଇଖାନା , ଗାଧୁଆଘର ଓ ଶିଡିଘରକୁ ପରିଷ୍କାର ରଖିବା ।

୭ ଘରକୁ ଆସୁଥିବା ଖବର କାଗଜ ଓ ବିଭିନ୍ନ ମାଗାଜିନକୁ ସୁନ୍ଦର ଭାବରେ ସଜାଇ ରଖିବା ।

୮ ଘରର ଅଳିଆ ପକାଇବା ପାଇଁ ଡଷ୍ଟବିନ  ବା କମ୍ପୋଷ୍ଟ  ପିଟର  ବ୍ୟବହାର କରିବା ।

୯ ଅନାବଶ୍ୟକ ଦ୍ରବ୍ୟରୁ କିଛି ସୁନ୍ଦର ଜିନିଷ ତିଆରି କରି ଘର ସଜାଇବା ।

୧୦ ସାନ ଭାଇ ଓ ଭଉଣୀଙ୍କୁ ପାଠ ପଢାଇ ଦେବା ।

୧୧ ପର୍ବପର୍ବାଣି ଦିନ ମାନଙ୍କରେ ଖୋଟି ଦେବା ଓ ପୂଜାର ଆୟୋଜନ କରିବାରେ ସାହାଯ୍ୟ କରିବା ।

୧୨ ଘରେ ଯଦି ଗୃହପାଳିତ ପଶୁ ପକ୍ଷୀ ଥାନ୍ତି, ତେବେ ସେମାନଙ୍କ ଦାୟିତ୍ୱ ନେବାରେ ସାହାଯ୍ୟ  କରିବା ।

**ସାମୂହିକ ସେବା :**

୧ ପଲିଥିନ, ପ୍ଲାଷ୍ଟିକ କପ ଆଦି ବ୍ୟବହାର ନ କରିବା ।

୨ ସ୍ୱଚ୍ଛତା ସମ୍ପର୍କିତ ବାର୍ତ୍ତାକୁ ନିଜ ସାଙ୍ଗସାଥି, ସାହି ବା କଲୋନୀରେ ବାଣ୍ଟି  ପାରିବା  ।

୩ ସ୍ୱଚ୍ଛତା ସମ୍ପର୍କରେ ବାବାଙ୍କର ବାର୍ତ୍ତା ନିଜ ଘର ଭିତରେ ଓ ବାହାରେ ଲଗାଇବା ଯାହା ଦ୍ୱାରା ଲୋକମାନଙ୍କ ମଧରେ ସଚେତନତା ବୃଦ୍ଧି ପାଇବ ।

୪ ନିଜର ସାଙ୍ଗସାଥି ମାନଙ୍କୁ ଏହି ସେବା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେବା ଓ ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବାକୁ ଅନୁରୋଧ କରିବା ।

୫ ସଂଗଠନ ଦ୍ୱାରା ଆୟୋଜିତ ସାମୂହିକ ସେବାରେ ଯଥା ନାରାୟଣ ସେବା, ସାମୂହିକ ସଫେଇ , ସାଇ ସବୁଜିମା, ଚିକିତ୍ସାଳୟ ସଫେଇ, ଅନାଥ ଶ୍ରମରେ ସେବା, ବୃଦ୍ଧାଶ୍ରମରେ ସେବା, ଗ୍ରାମ ସେବା ଆଦିରେ ନିଜର ଶକ୍ତି ଅନୁଯାୟୀ ଅଂଶ ଗ୍ରହଣ କରିବା ।

୬ ବିଦ୍ୟାଳୟର ଶ୍ରେଣୀଗୃହକୁ ପରିଷ୍କାର ରଖିବା ଓ ବିଭିନ୍ନ ଚାର୍ଟ ମାଧମରେ ସଜାଇବା ।

୭ ବିଦ୍ୟାଳୟରେ ତଥା ଘର ବାହାରେ ଥିବା ବେଳେ ଜରି, କାଗଜ ଅଳିଆ ଆଦି ରାସ୍ତାରେ ନ ପକାଇ  ଡଷ୍ଟବିନରେ  ପକାଇବା ।

୮ ରାସ୍ତାଘାଟ, ବିଦ୍ୟାଳୟ ପରିବେଶ ଆଦିରେ ଛେପ  ନ ପକାଇବା ।

୯ ବିଦ୍ୟାଳୟ ପରିବେଶକୁ ସଫା କରି ଫୁଲଗଛ ଆଦି ଲଗାଇବା ।

**ମାନସିକ ଓ  ବୌଦ୍ଧିକ ପବିତ୍ରତା :**

୧ ପ୍ରତ୍ୟେହ ଯେ କୌଣସି ମହାପୁରୁଷଙ୍କର ଜୀବନୀ ଓ ସାଇ ସାହିତ୍ୟ ଅଧ୍ୟୟନ କରିବେ ।

୨ ପ୍ରତ୍ୟେହ ସକାଳେ ଓ ସଂଧ୍ୟାରେ ପ୍ରାର୍ଥନା କରିବା ।

୩ ଉଚ୍ଚ ସ୍ୱରରେ କଥା ନ ହୋଇ ସର୍ବଦା ନମ୍ର ଓ ମିଠା ସ୍ୱରରେ କଥା ହେବା ।

୪ ଆଲୋକ, ଫ୍ୟାନ ଆଦି ଆବଶ୍ୟକ ନ ଥିଲେ ବନ୍ଦ ରଖି  ବିଜୁଳି ଶକ୍ତିର ସଂରକ୍ଷଣ କରିବା ।

୫ ଜଳ ଆବଶ୍ୟକତା ଅନୁଯାୟୀ ଧୀରେ ଧୀରେ ଢାଳି ବ୍ୟବହାର କରିବା ଓ ଟ୍ୟାପ ବନ୍ଦ ରଖି  ଜଳ ସଞ୍ଚୟ  କରିବା ।

୬ ଟେଲିଭିଜନ ଦେଖିବା କମ କରିବା ।

୭ ସର୍ବଦା ସତ୍ୟ କହିବା ।

୮ ଅଯଥା ସମୟ ଅପଚୟ ନ କରିବା ।

୯ ଘରେ କାମ କରୁଥିବା ସହଯୋଗୀଙ୍କୁ ସମ୍ମାନ ପ୍ରଦର୍ଶନ କରିବା ।

## ଶ୍ରୀ ସତ୍ୟସାଇ ବିଦ୍ୟା ବାହିନୀ

ଶ୍ରୀ ସତ୍ୟସାଇ ବିଦ୍ୟା ବାହିନୀ ଆମ ରାଜ୍ୟର ୨୨ ଗୋଟି ବିଦ୍ୟାଳୟରେ ପ୍ରଚଳିତ ହୋଇଅଛି । ତନ୍ମଧ୍ୟରୁ ୭ ଟି ବିଦ୍ୟାଳୟ, ଯେଉଁଠାରେ ଦଶମ ପର୍ଯ୍ୟନ୍ତ ଶ୍ରେଣୀ ଅଛି, ପ୍ରଥମ ଦଫାରେ Phase-I ବିଦ୍ୟାଳୟ ଭାବରେ ବଛା ଯାଇଅଛି । ସେଗୁଡିକ ହେଲା :-

୧. ଶ୍ରୀ ସତ୍ୟସାଇ ବିଦ୍ୟା ବିହାର, ବାଲେଶ୍ୱର

୨. ଶ୍ରୀ ସତ୍ୟସାଇ ସ୍କୁଲ, କଟକ

୩. ଶ୍ରୀ ସତ୍ୟସାଇ ବିଦ୍ୟା ବିହାର, ବ୍ରହ୍ମପୁର

୪. ଶ୍ରୀ ସତ୍ୟସାଇ ବିଦ୍ୟା ମନ୍ଦିର , ଭବାନୀ ପାଟଣା

୫. ଶ୍ରୀ ସତ୍ୟସାଇ ବିଦ୍ୟା ବିହାର, ବାରିପଦା

୬. ଶ୍ରୀ ସତ୍ୟସାଇ ବିଦ୍ୟା ବିହାର, ଭଞ୍ଜବିହାର

୭. ଶ୍ରୀ ସତ୍ୟସାଇ ଜ୍ଞାନ ବିକାଶ ସ୍କୁଲ, ପଙ୍କପାଳ

୨୦୨୦ ବର୍ଷ ପାଇଁ ଏହି ୭ ଟି ସ୍କୁଲରେ ନିମ୍ନଲିଖିତ କାର୍ଯ୍ୟକ୍ରମ ଗୁଡିକ ସଂପୂର୍ଣ୍ଣ କରାଯିବ ।

- ଏହି ୭ ଟି ସ୍କୁଲରେ ଶ୍ରେଣୀ ଗୃହରେ ବିଜ୍ଞାନ (Science), ଗଣିତ (Math) ଏବଂ ସାମାଜିକ ବିଜ୍ଞାନ (Social Science) ବିଷୟ ଗୁଡିକ ବିଦ୍ୟା ବାହିନୀ ଦ୍ୱାରା ସମ୍ମତ ପାଠ୍ୟକ୍ରମ ଅନୁସାରେ ପାଠ ପଢ଼ା ଯିବ । ଏଥିପାଇଁ ଶିକ୍ଷକ, ଶିକ୍ଷୟିତ୍ରୀ ମାନଙ୍କୁ ଆବଶ୍ୟକୀୟ 7-Asset ପ୍ରଶିକ୍ଷଣ ଦିଆଯିବ ।
- ଏତଦ ବ୍ୟତୀତ ଏହି ୭ ଟି ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ମାନଙ୍କୁ ସର୍ବନିମ୍ନ Computer ଜ୍ଞାନ କୌଶଳ ପ୍ରଦାନ କରାଯିବ ଯେପରି ସେମାନେ Computer ରୁ ବିଦ୍ୟା ବାହିନୀ ପାଠ୍ୟ ଯୋଜନା (Lesson Plan) କୁ download କରିପାରିବେ ।
- ଏହି ୭ ଟି ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଇଂରାଜୀରେ ତ୍ରୁଟିଶୂନ୍ୟ କଥୋପକଥନ କରିବା ପାଇଁ ଉପଯୁକ୍ତ ଶୈଳୀ 'PYF' କାର୍ଯ୍ୟକ୍ରମ ମାଧମରେ ପ୍ରଦାନ କରାଯିବ । ଅଦ୍ୟାବଧି କେବଳ ଭବାନୀ ପାଟଣା ବିଦ୍ୟାଳୟରେ PYF କାର୍ଯ୍ୟକ୍ରମ ଆରମ୍ଭ କରାଯାଇଅଛି ।
- ଏହି ୭ ଟି ବିଦ୍ୟାଳୟର ନିକଟବର୍ତ୍ତୀ ସମିତିରେ ବିଦ୍ୟା ବାହିନୀର out reach ପ୍ରଶିକ୍ଷଣ ଦେବାର ଆବଶ୍ୟକତା ରହିଛି ।
- ଏହି ୭ ଟି ବିଦ୍ୟାଳୟରେ ୩ ଟି ବିଷୟରେ Huddle ପ୍ରଶିକ୍ଷଣ ଦିଆଯିବ ।

  a) ଶ୍ରେଣୀ ଗୃହ ପରିଚାଳନା (Class room management)

  b) ଗଳ୍ପ କଥନ ଶୈଳୀ (Art of Storytelling)

  c) ସ୍କୁଲର ପ୍ରାର୍ଥନା ସମାବେଶ (School Assembly)
- ଉପରୋକ୍ତ ୭ ଟି ବିଦ୍ୟାଳୟ ମଧ୍ୟରୁ ୪ ଟି ବିଦ୍ୟାଳୟ (କଟକ, ବାରିପଦା, ଭବାନୀ ପାଟଣା ଏବଂ ପଙ୍କପାଳ ବିଦ୍ୟାଳୟ ) ରେ ପ୍ରାଇମେରୀ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ବିଦ୍ୟା ବାହିନୀର ପ୍ରାରମ୍ଭିକ ପ୍ରଶିକ୍ଷଣ ଦିଆଯିବ ।
- ଏହି ୪ ଟି ବିଦ୍ୟାଳୟରେ ବିଦ୍ୟାବାହିନୀ 7 Asset ପ୍ରଶିକ୍ଷଣ ପ୍ରାଇମେରୀ ଶିକ୍ଷକ, ଶିକ୍ଷୟିତ୍ରୀ ମାନଙ୍କୁ ପ୍ରଦାନ କରାଯିବ ।

**ପାଠ୍ୟକ୍ରମ ପ୍ରସ୍ତୁତି** (Content Creation): ଏହା ବିଦ୍ୟା ବାହିନୀର ଗୋଟିଏ ପ୍ରଧାନ କାର୍ଯ୍ୟକ୍ରମ । ଏହି ଆଧାରରେ CBSE ଦ୍ୱାରା ପ୍ରଚଳିତ ପାଠ୍ୟକ୍ରମକୁ ବିଦ୍ୟା ବାହିନୀ ପାଠ୍ୟକ୍ରମ ଅନୁସାରେ ପ୍ରସ୍ତୁତ କରାଯାଇ CBSE ମାଧ୍ୟମ ବିଦ୍ୟାଳୟ ମାନଙ୍କୁ ପ୍ରଦାନ କରାଯାଇଅଛି । ଅପର ପକ୍ଷରେ ଓଡିଆ ମାଧ୍ୟମ ବିଦ୍ୟାଳୟ ମାନଙ୍କ ପାଇଁ ଓଡିଆ ଭାଷାରେ ଏହି ପାଠ୍ୟକ୍ରମ ପ୍ରସ୍ତୁତ ଯଥେଷ୍ଟ ଅଗ୍ରଗତି କରିନାହିଁ । ୨୦୨୦ ବର୍ଷ ସୁଦ୍ଧା ଓଡିଶା English ପାଠ୍ୟକ୍ରମ ପ୍ରସ୍ତୁତି ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସମାପ୍ତ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଅଛି ।

## ଶ୍ରୀ ସତ୍ୟସାଇ ବିଦ୍ୟାଳୟ, ଓଡିଶା

ମୁଖ୍ୟ ଲକ୍ଷ୍ୟ : ଓଡିଶାର ସମସ୍ତ ଶ୍ରୀ ସତ୍ୟସାଇ ବିଦ୍ୟାଳୟମାନେ ଗୋଟିଏ ଗୋଟିଏ ଶିକ୍ଷାର ମନ୍ଦିର ହେବେ ଯେଉଁଠି ଶ୍ରୀ ସତ୍ୟସାଇ Educare କୁ ଭିତ୍ତିକରି ପିଲାମାନଙ୍କୁ ମାନବିକ ମୂଲ୍ୟବୋଧର ଶିକ୍ଷା ଦିଆଯିବ । ଆମର ବିଦ୍ୟାଳୟ ସବୁ ପୂର୍ଣ୍ଣାଙ୍ଗ ଓ ସାମଗ୍ରିକ ଶିକ୍ଷାର ପଥପ୍ରଦର୍ଶକ ଅନୁଷ୍ଠାନ ଭାବେ ସମାଜର ସବୁ ବର୍ଗର ପିଲାମାନଙ୍କୁ ଅନୁପ୍ରେରିତ କରି **"ଶିକ୍ଷା ଜୀବନ ପାଇଁ, ଜୀବିକା ପାଇଁ ନୁହେଁ"** ବୋଲି ସମସ୍ତଙ୍କୁ ହୃଦୟଙ୍ଗମ କରାଇବ ।

| ୨୦୨୦ ବର୍ଷ ପାଇଁ ସଂକଳ୍ପ | ପ୍ରତ୍ୟାଶିତ ଫଳାଫଳ | ସମୟ ନିର୍ଘଣ୍ଟ | ପ୍ରସ୍ତାବିତ ସ୍ଥାନ |
|---|---|---|---|
| ୨୦୧୯ ନୂତନ ମାର୍ଗଦର୍ଶିକା ଅନୁସାରେ ସମସ୍ତ ଶ୍ରୀ ସତ୍ୟସାଇ ବିଦ୍ୟାଳୟ ମାନଙ୍କରେ, ବିଦ୍ୟାଳୟ ପରିଚାଳନା କମିଟି ଗଠନ କରାଯିବ । | ଦେଶର/ ସମ୍ବିଧାନର ନିୟମ ମାନି, ସଂଗଠନର ମୂଳତତ୍ତ୍ୱକୁ ସମ୍ମାନ ଦେଇ ସମସ୍ତ ସାଇ ଶିକ୍ଷାନୁଷ୍ଠାନମାନଙ୍କୁ ଗୋଟିଏ ସୂତ୍ରରେ ବାନ୍ଧି ରଖିବା | ଜାନୁୟାରୀ ୨୦୨୦ | ସମସ୍ତ ସାଇ ସ୍କୁଲ |
| ସମସ୍ତ ଶ୍ରୀ ସତ୍ୟ ସାଇ ବିଦ୍ୟାଳୟମାନଙ୍କର ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଓ ସମ୍ପାଦକମାନଙ୍କ ସହ ରାଜ୍ୟ ସ୍ତରୀୟ ବିଦ୍ୟାଳୟ କମିଟି ଓ ରାଜ୍ୟ ସ୍ତରୀୟ କର୍ମକର୍ତ୍ତା ମାନଙ୍କର ମାନସମନ୍ଥନ କାର୍ମଶାଳା । | ଆମ ପ୍ରିୟ ଭଗବାନଙ୍କର ଦର୍ଶନ ଓ ଶ୍ରୀ ସତ୍ୟସାଇ ମାନବିକ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ଉପରେ ଆମର ବିଶ୍ୱାସକୁ ଦୃଢୀଭୂତ କରିବା | ଜାନୁୟାରୀ ୨୦୨୦ | ବାରିପଦା |
| ସମସ୍ତ ଶ୍ରୀ ସତ୍ୟସାଇ ବିଦ୍ୟାଳୟମାନଙ୍କୁ ଅଗ୍ନି ନିର୍ବାପକ ଯନ୍ତ୍ର ପ୍ରଦାନ ଓ ଜଣେ ଶିକ୍ଷକଙ୍କୁ ତାର ବ୍ୟବହାର ପାଇଁ ପ୍ରଶିକ୍ଷଣ | ଆମ ବିଦ୍ୟାଳୟରେ ସମସ୍ତଙ୍କ ପାଇଁ ଅଗ୍ନି ସୁରକ୍ଷାର ବ୍ୟବସ୍ଥା | ୧୯ ଜାନୁୟାରୀ ୨୦୨୦ | ସାଇ ଜନନୀ |
| ଶ୍ରୀ ସତ୍ୟସାଇ ଶିକ୍ଷା ବ୍ୟବସ୍ଥା ଓ ଓଡିଶାର ଶ୍ରୀ ସତ୍ୟସାଇ ବିଦ୍ୟାଳୟ ସମ୍ବନ୍ଧୀୟ ଏକ ଧାରଣା ପପତ୍ରର ବିକାଶ | ଆମ ପ୍ରିୟ ଭଗବାନଙ୍କର ଦର୍ଶନ ଓ ଶ୍ରୀ ସତ୍ୟସାଇ ମାନବିକ ମୂଲ୍ୟବୋଧ ଭିତ୍ତିକ ଶିକ୍ଷାର ପ୍ରସାର କରିବା | ଜାନୁୟାରୀ - ଏପ୍ରିଲ ୨୦୨୦ | |
| ଅବସର ପ୍ରାପ୍ତ ଶିକ୍ଷକମାନଙ୍କର ସମ୍ମିଳନୀ | ଶିକ୍ଷାର ସମ୍ବଳକୁ ପୁଞ୍ଜିକରଣ ଓ ସଂଯୋଗୀକରଣ କରିବା | ଫେବୃୟାରୀ - ୨୦୨୦ | ସାଇ ଜନନୀ |
| ସର୍ବୋତ୍କୃଷ୍ଟ ଶିକ୍ଷଣ-ଶିକ୍ଷା ମାନ ପାଇଁ ରାଜ୍ୟ ସ୍ତରୀୟ ବିଦ୍ୟାଳୟ କମିଟି ସଭ୍ୟମାନଙ୍କ ଦ୍ୱାରା ବିଦ୍ୟାଳୟକୁ ପୋଷ୍ୟ ବିଦ୍ୟାଳୟ ଭାବେ ଗ୍ରହଣ କରିବା | ବିଦ୍ୟାଳୟ ସବୁକୁ ସହଯୋଗ ଭିତ୍ତିକ ଶୃଙ୍ଖଳିତ କାର୍ଯ୍ୟକ୍ରମ ଓ ଉପଦେଶ | ଫେବୃୟାରୀ- ୨୦୨୦ | |
| ବିଦ୍ୟାଳୟମାନଙ୍କୁ ଶିକ୍ଷଣ-ଶିକ୍ଷା କାର୍ଯ୍ୟକ୍ରମରେ ସହଯୋଗ କରିବା ପାଇଁ ରାଜ୍ୟସ୍ତରୀୟ ଅଭିଜ୍ଞ ଶିକ୍ଷକ ମାନଙ୍କୁ ନେଇ ବିଚାରପୀଠ ଗଠନ | ସାମୂହିକ ଲକ୍ଷ୍ୟ ସାଧନ ପାଇଁ ବିଦ୍ୟାଳୟକୁ ସହଯୋଗ | ମାର୍ଚ୍ଚ - ୨୦୨୦ | |
| ପ୍ରତ୍ୟେକ ବିଦ୍ୟାଳୟମାନଙ୍କରେ ପଠନ ଶ୍ରେଣୀ ସହ ପାଠାଗାର ସ୍ଥାପନ ଓ ରିହାତି ମୂଲ୍ୟରେ ସାଇ ସାହିତ୍ୟ ଓ ଅନ୍ୟାନ୍ୟ ପୁସ୍ତକ ଯୋଗାଇଦେବା | ଆମ ପ୍ରିୟ ଭଗବାନଙ୍କର ଦର୍ଶନ ଓ ଶ୍ରୀ ସତ୍ୟସାଇ ମାନବିକ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ଓ Educare ବିଷୟରେ ସଚେତନତା ବୃଦ୍ଧି କରିବା | ମାର୍ଚ୍ଚ - ୨୦୨୦ | |
| ୨୦୧୯ -୨୦ ଶିକ୍ଷା ବର୍ଷରେ ସମସ୍ତ CBSE ବିଦ୍ୟାଳୟମାନଙ୍କ ପାଇଁ ସମାନଧରଣର ପରୀକ୍ଷା ଓ କେନ୍ଦ୍ରୀୟ ମୂଲ୍ୟାଙ୍କନର ବ୍ୟବସ୍ଥା | ଉତ୍କୃଷ୍ଟତା ପୂର୍ଣ୍ଣ ଗୁଣବତ୍ତା ଶିକ୍ଷା ପାଇଁ ସମୀକ୍ଷା ଓ ଯୋଜନା ପ୍ରସ୍ତୁତ କରିବା | ଫେବୃୟାରୀ - ମାର୍ଚ୍ଚ ଓ ଅକ୍ଟୋବର ୨୦୨୦ | ସାଇ ଜନନୀ |
| ଶିକ୍ଷକମାନଙ୍କର ଶ୍ରେଣୀ ଶିକ୍ଷଣ-ଶିକ୍ଷା କୌଶଳ, ଶିଶୁ କେନ୍ଦ୍ରିକ ଶିକ୍ଷଣ ପ୍ରକ୍ରିୟା ଓ ଦରକାର ଭିତ୍ତିକ ଶିକ୍ଷା ବିଜ୍ଞାନରେ ଦକ୍ଷତା ବୃଦ୍ଧି ନିମିତ୍ତ ତାଲିମର ବ୍ୟବସ୍ଥା | ଶ୍ରେଣୀ ଶିକ୍ଷଣ-ଶିକ୍ଷା କୌଶଳ, ଶିଶୁ କେନ୍ଦ୍ରିକ ଶିକ୍ଷଣ ପ୍ରକ୍ରିୟା ଓ ଦରକାର ଭିତ୍ତିକ ଶିକ୍ଷା ବିଜ୍ଞାନରେ ଶିକ୍ଷକ ମାନଙ୍କର ଦକ୍ଷତା ବୃଦ୍ଧି କରିବା | ୨୦୨୦ - ଏପ୍ରିଲ ଓ ନଭେମ୍ବର ମାସରେ | |
| ଶ୍ରୀ ସତ୍ୟସାଇ ବିଦ୍ୟାଳୟମାନଙ୍କର ଅଧକ୍ଷ, ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟ ଓ ଶିକ୍ଷକମାନଙ୍କ ପାଇଁ ୧୫ ଦିନିଆ ଆବାସିକ ମାନବିକ ମୂଲ୍ୟବୋଧ ଶିକ୍ଷାର ତାଲିମ ବ୍ୟବସ୍ଥା | ଆମ ପ୍ରିୟ ଭଗବାନଙ୍କର ଦର୍ଶନ ଓ ଶ୍ରୀ ସତ୍ୟସାଇ ମାନବିକ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ଉପରେ ଆମର ବିଶ୍ୱାସକୁ ଦୃଢୀଭୂତ କରିବା | ୨୦୨୦-୨୧ ଶିକ୍ଷାବର୍ଷର ଗ୍ରୀଷ୍ମକାଳୀନ ଛୁଟି ଅବସରରେ | ସାଇ ଜନନୀ |
| ଶ୍ରୀ ସତ୍ୟସାଇ ବିଦ୍ୟାଳୟମାନଙ୍କ ପାଇଁ ଯୋଗ ଓ କ୍ରୀଡା କାର୍ଯ୍ୟକ୍ରମ | ପିଲାମାନଙ୍କର ସର୍ବାଙ୍ଗୀନ ଉନ୍ନତି କରିବା | ନଭେମ୍ବର - ୨୦୨୦ | |

# ଯୁବ ବିଭାଗ

**୧. ଜିଲ୍ଲା ସ୍ତରୀୟ ଯୁବ ପରିଷଦ ଗଠନ ଏବଂ ଏହାର କାର୍ଯ୍ୟକାରିତା ।**

ପୂର୍ବରୁ ସ୍ଥିରୀକୃତ ମତେ ପ୍ରତ୍ୟେକ ଜିଲ୍ଲାର ଯୁବ ଭାଇ/ଭଉଣୀ ମାନଙ୍କର ତଥ୍ୟ ସଂଗ୍ରହ କରାଯାଇ ଏକ ଯୁବ ପଞ୍ଜିକା ତିଆରି ହେବ ଏବଂ ଏହା କ୍ରମାନ୍ୱୟ ଭାବରେ ଅଧୁନାତନ (Update) ହେବ । ଏ ସକ୍ରାନ୍ତୀୟ “Google Form” ରାଜ୍ୟ ସଂଗଠନ ତରଫରୁ ଦିଆଯିବ । ସଂଗଠନର ସମ୍ପ୍ରସାରଣତାକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ଯୁବ ବିଭାଗ ତରଫରୁ “ Each One, Bring One” ପ୍ରକଳ୍ପ ମାଧ୍ୟମରେ ଯୁବ ଭାଇ/ଭଉଣୀ ମାନେ ନୂଆ ଭାଇ/ଭଉଣୀ ମାନଙ୍କୁ ସଂଗଠନକୁ ଆଣିବେ ଓ ସେମାନଙ୍କର ଆଗ୍ରହ ମୁତାବକ କାର୍ଯ୍ୟକ୍ରମରେ ସାମିଲ କରିବେ । କେତେକ ଜିଲ୍ଲା ଯୁବ ପରିଷଦ ଗଠନ କରି ସାରିଛନ୍ତି । ଯେଉଁ ଜିଲ୍ଲା ମାନେ ଏହା କରି ନାହାନ୍ତି ସେମାନେ ଏହି କାର୍ଯ୍ୟକ୍ରମକୁ ପ୍ରାଧାନ୍ୟ ଦେଇ କରିବେ । ଜିଲ୍ଲା ଯୁବ ପରିଷଦ ଗଠନ ସମୟରେ ଧ୍ୟାନ ଦେବେ ଯେ ଯେପରି ଜିଲ୍ଲାର ସମସ୍ତ ସମିତିର ପ୍ରତିନିଧି ମାନେ ଏଥିରେ ରହିବେ । ଜିଲ୍ଲାର ସମସ୍ତ ସକ୍ରିୟ ଭାଇ/ଭଉଣୀ ଯେଉଁ ମାନେ ସବୁ କାର୍ଯ୍ୟକ୍ରମରେ ଅଗ୍ରଣୀ ହୋଇ ଯୋଗ ଦେଉଥିବେ ଏବଂ ଆବଶ୍ୟକ ସମୟରେ ଦାୟିତ୍ୱ ନେଇ ପାରିବେ । ସେମାନଙ୍କୁ ଏହି ଯୁବ ପରିଷଦର ସଦସ୍ୟ କରାଯିବ । ଜିଲ୍ଲା ସଭାପତିଙ୍କ ପରାମର୍ଶ କ୍ରମେ ଏହି ଯୁବ ପରିଷଦ ଗଠନ କରି ରାଜ୍ୟ ଯୁବ ସଂଯୋଜକଙ୍କ ପାଖକୁ ଏହାର ସବିଶେଷ ବିବରଣୀ ପଠାଇବେ । ଯୁବ ପଞ୍ଜିକାରେ ଥିବା ସମସ୍ତ ଭାଇ/ଭଉଣୀ ଙ୍କ ନାମ ସାଇଓ୍ୱାନ ଆପରେ ପଞ୍ଜୀକରଣ କରାଯିବ ।

**୨. ଶ୍ରୀ ସତ୍ୟସାଇ ବିଦ୍ୟା ଜ୍ୟୋତି**

ଶ୍ରୀ ସତ୍ୟସାଇ ବିଦ୍ୟାଜ୍ୟୋତି ସତ୍ୟସାଇ ସେବା ସଂଗଠନର ଯୁବ ଶାଖାର ଏକ ରାଷ୍ଟ୍ରୀୟ ଅଭିଯାନ । ଆମର ୪୫ ଟି ଶ୍ରୀ ସତ୍ୟସାଇ ବିଦ୍ୟାଜ୍ୟୋତି ବିଦ୍ୟାଳୟ ରହିଛି । କାର୍ଯ୍ୟକ୍ରମର ଉଦ୍ଦେଶ୍ୟକୁ ଦୃଷ୍ଟିରେ ରଖି ଏହି ବର୍ଷ ସେଥିରେ ସାମାନ୍ୟ ପରିବର୍ତ୍ତନ କରାଯିବ । ବିଦ୍ୟାଜ୍ୟୋତି କାର୍ଯ୍ୟକ୍ରମ ପାଇଁ ସେବା ଆବଶ୍ୟକ କରୁଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟ ଗୁଡ଼ିକୁ ଚୟନ କରାଯିବ । ଯଦି କୌଣସି ଜିଲ୍ଲା ପୂର୍ବରୁ ବେସରକାରୀ ବିଦ୍ୟାଳୟ କିମ୍ବା କୌଣସି ଉଚ୍ଚବିଦ୍ୟାଳୟକୁ ବିଦ୍ୟାଜ୍ୟୋତି ବିଦ୍ୟାଳୟ ଭାବେ ଗ୍ରହଣ କରିଥାନ୍ତି, ସେହି କ୍ଷେତ୍ରରେ ଉକ୍ତ ବିଦ୍ୟାଳୟ ମାନଙ୍କର ସ୍କୁଲ ବାଲବିକାଶ ଚାଲୁ ରଖି ଅନ୍ୟ ଏକ ଉପଯୁକ୍ତ ବିଦ୍ୟାଳୟ ଚୟନ କରିବେ । ଏହି ପ୍ରକ୍ରିୟା ଆଗାମୀ ଫେବୃୟାରୀ ୧୫ ତାରିଖ ସୁଦ୍ଧା ସରିବ । ପ୍ରତ୍ୟେକ ବିଦ୍ୟାଳୟ ସହ ସଂଶ୍ଳିଷ୍ଟ ଥିବା ୨ ଜଣ ଭାଇ/ଭଉଣୀ, ଏହିପରି ସର୍ବମୋଟ ରାଜ୍ୟ ସ୍ତରରେ ୯୦ ଜଣ ଭାଇ/ଭଉଣୀଙ୍କୁ ନେଇ ଏକ ଦଳ (Core Group) ଗଠନ ହେବ ଯେଉଁମାନେ ସମଗ୍ର ରାଜ୍ୟରେ ବିଦ୍ୟାଜ୍ୟୋତି ପ୍ରକଳ୍ପର ସଫଳ ରୂପାୟନ କରିବେ । ଏ ସକ୍ରାନ୍ତୀୟ ସବିଶେଷ ମାର୍ଗଦର୍ଶୀକା ରାଜ୍ୟ ତରଫରୁ ଯୋଗାଇ ଦିଆଯିବ । ଶ୍ରୀ ସତ୍ୟସାଇ ବିଦ୍ୟାଜ୍ୟୋତି ବିଦ୍ୟାଳୟର ସମସ୍ତ କାର୍ଯ୍ୟକ୍ରମ ସମିତି କୈନ୍ଦ୍ରିକ ହେବ । ସମିତିର ପ୍ରତ୍ୟେକ ବିଭାଗ ବିଦ୍ୟାଜ୍ୟୋତି କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ସହଯୋଗ କରିବେ । ଜିଲ୍ଲା ଶିକ୍ଷା ସଂଯୋଜିକା ଏହି କାର୍ଯ୍ୟକ୍ରମର ତତ୍ତ୍ୱାବଧାରକ ଭାବେ କାର୍ଯ୍ୟ କରିବେ । ଜିଲ୍ଲା ଯୁବ ସଂଯୋଜକ ଏହି କାର୍ଯ୍ୟକ୍ରମକୁ ସଫଳ ରୂପ ଦେବା ପାଇଁ ଉଦ୍ୟମ ଜାରି ରଖିବେ । ଶ୍ରୀ ସତ୍ୟସାଇ ବିଦ୍ୟାଜ୍ୟୋତି ବିଦ୍ୟାଳୟରେ ନିମ୍ନଲିଖିତ ସର୍ବନିମ୍ନ କାର୍ଯ୍ୟକ୍ରମଗୁଡିକ ହେବ ।
ଆମେ ପ୍ରଥମତଃ ମୂଲ୍ୟ ରହିତ (No Cost) ସ୍ୱଳ୍ପ ମୂଲ୍ୟ (Low Cost) କାର୍ଯ୍ୟକଳାପ ହାତକୁ ନେବା ।

- ବିଦ୍ୟାଜ୍ୟୋତି ବିଦ୍ୟାଳୟ ଗୁଡିକରେ ସେହି ସ୍କୁଲ୍ ର ଅନ୍ୟୁନ ଜଣେ ଶିକ୍ଷକଙ୍କୁ ଅନ୍ତର୍ଭୁକ୍ତ କରି ବାଲବିକାଶ ତଥା ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ଦେବାରେ ସହାୟତା କରିବା ।
- ଶ୍ରୀ ସତ୍ୟସାଇ ବିଦ୍ୟାଜ୍ୟୋତି ବିଦ୍ୟାଳୟ ଛାତ୍ରମାନଙ୍କୁ ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ । ପ୍ରତ୍ୟେକ ବିଦ୍ୟାଳୟରେ ବର୍ଷକୁ ଅନ୍ତତଃ ୨ ଟି ସ୍ୱାସ୍ଥ୍ୟ ଶିବିର ବିଶେଷ କରି ଶିଶୁ ରୋଗ ବିଶେଷଜ୍ଞ, କର୍ଣ୍ଣ, ନାସା, ଗଳା ବିଶେଷଜ୍ଞ ଓ ଦନ୍ତ ଚିକିତ୍ସକ ଦ୍ୱାରା କରାଯିବ ।
- ପରିବେଶକୁ ନେଇ ପିଲା ମାନଙ୍କ ମଧ୍ୟରେ ସମ୍ବେଦନଶୀଳତା ଓ ପିଲାମାନଙ୍କ ମଧ୍ୟରେ ସ୍ୱଚ୍ଛତ୍ୱ ପାଳନ କରିବାର ପ୍ରବୃତ୍ତି ବିକାଶ କରିବା । ବିଦ୍ୟାଳୟର ନିର୍ମଳତା, ବିଦ୍ୟାଳୟ ଉଦ୍ୟାନର ବିକାଶ, ଶ୍ରେଣୀ ଗୃହ ଓ ପରିସରର ସୌନ୍ଦର୍ଯ୍ୟକରଣ ଉପରେ ଦୃଷ୍ଟି ଦିଆଯିବ ।
- ଛାତ୍ର/ଛାତ୍ରୀ ମାନଙ୍କ ଦ୍ୱାରା ବୃକ୍ଷରୋପଣ କରାଯିବ ।
- ଅଭିଭାବକ – ଶିକ୍ଷକ ସମ୍ମିଳନୀ, ସାଂସ୍କୃତିକ କାର୍ଯ୍ୟକ୍ରମ /ସାମାଜିକ ସମ୍ପର୍କ ସହ ଗ୍ରାମ ସେବା ଆୟୋଜନ କରାଯିବ ।
- ପ୍ରତିଯୋଗିତା ଗୁଡ଼ିକ ମାଧ୍ୟମରେ ଛାତ୍ରମାନଙ୍କ ମଧ୍ୟରେ ଥିବା ପ୍ରତିଭାକୁ ଚିହ୍ନଟ କରିବା ଓ ସେମାନଙ୍କ ପ୍ରତିଭା ପ୍ରଦର୍ଶନ ପାଇଁ ସୁଯୋଗ ସୃଷ୍ଟି କରିବା।
- ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରମାନଙ୍କ ମଧ୍ୟରେ ବହୁବିଧ ବୁଦ୍ଧିମତାର ବିକାଶ କରିବା ।
- ଗ୍ରୀଷ୍ମ ଅବକାଶ ପରେ ବିଦ୍ୟାଳୟର ପ୍ରଥମ ଦିନରେ ଏବଂ ଶିଶୁ ଦିବସରେ ବିଶେଷ କାର୍ଯ୍ୟକ୍ରମ କରିବା ।

**୩ . ନିତ୍ୟ ଶିକ୍ଷା ଦାନମ**

ଏହି ପ୍ରକଳ୍ପ ମାଧ୍ୟମରେ ଅନୁନ୍ନତ, ଗ୍ରାମୀଣ ଅଞ୍ଚଳର ପିଲାମାନଙ୍କୁ ଉନ୍ନତ ମାନର ଶିକ୍ଷା ଦେବା ପାଇଁ ତଥା ସେମାନଙ୍କର ଚାରିତ୍ରିକ, ମାନସିକ, ବୌଦ୍ଧିକ ଏବଂ ଆଧ୍ୟାତ୍ମିକ ଉନ୍ନତି ପ୍ରତ୍ୟହ ୨ ଘଣ୍ଟା ନିଃଶୁଳ୍କ ଶିକ୍ଷା ଦାନର ବ୍ୟବସ୍ଥା କରାଯାଇଛି ।ଏହା ଗାଁ, ଗହଳିର ଶିକ୍ଷିତ ଯୁବ ଭାଇ/ଭଉଣୀ ଦ୍ୱାରା ପରିଚାଳିତ ହେବ । ଅଦ୍ୟାବଧି ୩୧ ଟି କେନ୍ଦ୍ରରେ ଏହି ପ୍ରକଳ୍ପ ଆରମ୍ଭ କରାଯାଇଛି । ସେଥିରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପଢୁଥିବା ୯୦୦ ରୁ ଉର୍ଦ୍ଧ୍ୱ ଛାତ୍ର ଓ ଛାତ୍ରୀଙ୍କୁ ୮୩ ଜଣ ଯୁବ ଭାଇ/ଭଉଣୀ ଶିକ୍ଷାଦାନ କରୁଛନ୍ତି। ଆଗାମୀ ଦିନରେ ଏହିପରି ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ କିମ୍ବା ତତୋଧିକ ନିତ୍ୟ ଶିକ୍ଷା ଦାନ କେନ୍ଦ୍ର ଖୋଲାଯିବ । ଭଗବାନଙ୍କର ଜନ୍ମ ଶତବାର୍ଷିକୀରେ ଏହିପରି ୧୦୮ଟି କେନ୍ଦ୍ର ଭଗବାନଙ୍କ ପାଦ ପଦ୍ମରେ ଅର୍ପଣ କରାଯିବାର ଲକ୍ଷ୍ୟ ରହିଛି ।

**୪ .  ପ୍ରଶାନ୍ତି ସେବା**

ପ୍ରଶାନ୍ତି ସେବାରେ ଅନ୍ୟୁନ ୪୦% ଯୁବକଙ୍କର ଯୋଗଦାନ ରହିବ । ଏଥି ନିମନ୍ତେ ଯୁବ ବିଭାଗ ସମସ୍ତ ପ୍ରକାର ଉଦ୍ୟମ ଜାରି ରଖିବ । ପ୍ରତ୍ୟେକ ଜିଲ୍ଲାର ଯୁବ ସଂଯୋଜକ ସମଗ୍ର ଜିଲ୍ଲାର ଯୁବକ ମାନଙ୍କର ପ୍ରଶାନ୍ତି ସେବା ପାଇଁ ଏକ ତାଲିକା ପ୍ରସ୍ତୁତ କରିବେ । ଯେଉଁଥିରେ କିଏ କେଉଁ ସେବାକୁ ଯାଇ ପାରିବ ତାହା ନିର୍ଦ୍ଧାରଣ କରି ଯଥେଷ୍ଟ ପୂର୍ବରୁ ସେମାନଙ୍କ ସହ ଯୋଗାଯୋଗ କରିବେ । ପ୍ରତ୍ୟେକ ଜିଲ୍ଲାର ଯୁବ ସଂଯୋଜକ ଓ ସମିତି ଯୁବ ବିଭାଗ ଇନଚାର୍ଜ ବର୍ଷକୁ ଅନ୍ୟୁନ ଥରେ ପ୍ରଶାନ୍ତି ସେବାରେ ଯୋଗଦାନ କରିବେ ।

**୫.  ଶ୍ରୀ ସତ୍ୟ ସାଇ ପୁନର୍ବସତି କାର୍ଯ୍ୟ କ୍ରମ (Sri Sathya Sai Rehabilitation Programme)**

ଜିଲ୍ଲାର ଯୁବ ବିଭାଗ ଶ୍ରୀ ସତ୍ୟ ସାଇ ପୁନର୍ବସତି କାର୍ଯ୍ୟ କ୍ରମ (SRP) ର ପରିଚାଳନା କରିବେ । ଜିଲ୍ଲା ଯୁବ ସଂଯୋଜକ ସତ୍ୟସାଇ ପୁନର୍ବସତି କାର୍ଯ୍ୟକ୍ରମ (SRP) ର ପ୍ରଭାରୀ ଭାବେ କାର୍ଯ୍ୟ କରିବେ କିମ୍ବା ଜିଲ୍ଲା ସଭାପତିଙ୍କ ପରାମର୍ଶ କ୍ରମେ ଜଣଙ୍କୁ ପ୍ରଭାରୀର ଦାୟିତ୍ୱ ଦେବେ। ପ୍ରତ୍ୟେକ ଯୁବକ ଓ ସକ୍ରିୟ କର୍ମୀ ୩ରୁ ୫ ଜଣ ରୋଗୀଙ୍କୁ ଆବଶ୍ୟକୀୟ ସାମାଜିକ ଓ ଅର୍ଥନୈତିକ ସହାୟତା ପ୍ରଦାନ କରିବାରେ ସହାୟକ ହେବେ ଓ ଡିସଚାର୍ଜ ସମୟରେ ଶ୍ରୀ ସତ୍ୟସାଇ ଉଚ୍ଚ ଆୟୁର୍ବିଜ୍ଞାନ ସଂସ୍ଥାନ ଦ୍ୱାରା ପ୍ରଦତ୍ତ ପରାମର୍ଶ ଓ ଦିଗଦର୍ଶନର ପାଳନକୁ ସୁନିଶ୍ଚିତ କରିବେ । ଏହି ବର୍ଷ ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ ଅନ୍ତରଙ୍ଗ ସାଇ କାର୍ଯ୍ୟକ୍ରମ କରାଯିବ ।

**୬ .  ସାଇଶ୍ରଦ୍ଧା**

ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସଂଗଠନର ବୟସ୍କ ମଉସା/ମାଉସୀ ଯେଉଁ ମାନେ ବୟସାଧିକ କାରଣରୁ କିମ୍ବା ରୋଗଗ୍ରସ୍ତ ଯୋଗୁଁ ସଂଗଠନର କାର୍ଯ୍ୟକ୍ରମ ରେ ଯୋଗଦାନ କରିପାରୁ ନାହାନ୍ତି, ତାଙ୍କ ପାଖରେ ପହଞ୍ଚି ସେମାନଙ୍କୁ କୃତଜ୍ଞତା ଜ୍ଞାପନ କରିବା । ବିଭିନ୍ନ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଯଥା – ଭଜନ, ସତସଙ୍ଗ ତଥା ସେମାନଙ୍କ ଅନୁଭୂତି ଶୁଣିବା ଇତ୍ୟାଦି କାର୍ଯ୍ୟକ୍ରମ ଯୁବ ବିଭାଗ ଦ୍ୱାରା ଆୟୋଜନ କରାଯିବ । ଏହି କାର୍ଯ୍ୟକ୍ରମକୁ ଅଧିକ ସରସ ସୁନ୍ଦର କରିବା ପାଇଁ ଜିଲ୍ଲା ସ୍ତରରେ ଅନ୍ୟାନ୍ୟ ସୁଚିନ୍ତିତ କାର୍ଯ୍ୟକ୍ରମ ମାନ ହାତକୁ ନିଆଯାଇପାରେ ।

**୭ .  ଗ୍ରୀଷ୍ମ ଶିକ୍ଷା ଶିବିର**

ପ୍ରତ୍ୟେକ ଜିଲ୍ଲା, ଜିଲ୍ଲା ସ୍ତରରେ ଯୁବ ଭାଇ/ଭଉଣୀଙ୍କ ପାଇଁ ଗ୍ରୀଷ୍ମ ଶିକ୍ଷା ଶିବିର ଆୟୋଜନ କରିବ । ଆବଶ୍ୟକ ସ୍ଥଳେ ଏହା ଆବାସିକ ଅଥବା ଅଣ ଆବାସିକ ଭାବେ କରାଯାଇପାରେ ।ଯେଉଁ ଜିଲ୍ଲା ମାନେ ଏକାକୀ ଭାବେ ଏହି ଶିବିରର ଆୟୋଜନ କରି ନ ପାରିବେ ସେମାନେ ନିକଟସ୍ଥ ଜିଲ୍ଲା ସହ ମିଳିତ ଭାବେ ଏହାର ଆୟୋଜନ କରି ପାରିବେ । ସଂଗଠନର ପ୍ରତ୍ୟେକ ଯୁବ ଭାଇ/ ଭଉଣୀ ଏହି ଶିବିରରେ ନିଶ୍ଚିତ ଭାବେ ଭାଗନେବେ ।

**୮.  ଯୁବ ଦିବସ ପାଳନ**

ପ୍ରତ୍ୟେକ ସମିତିରେ ମାସକୁ ଥରେ ଯୁବ ଦିବସ ପାଳନ କରାଯିବ । ୧୦ ଜଣରୁ ଅଧିକ ଯୁବକ/ଯୁବତୀ ଥିବା ଭଜନ ମଣ୍ଡଳୀ ଗୁଡିକ ମଧ୍ୟ ସ୍ୱତନ୍ତ୍ର ଭାବେ ମାସକୁ ଥରେ ଯୁବ ଦିବସ ପାଳନ କରିବେ । ଜିଲ୍ଲା ଯୁବ ସଂଯୋଜକ ଏବଂ ସମିତି ଯୁବ ବିଭାଗ ଇନଚାର୍ଜ ନିଜ ନିଜ ସମିତିରେ ତାହା ପାଳନ ସୁନିଶ୍ଚିତ କରିବେ ଏବଂ ଯେଉଁଠାରେ ହୋଇ ନ ଥିବ ସେଠାରେ ଆରମ୍ଭ କରିବେ ।

**୯.  ବ୍ୟକ୍ତିଗତ ସାଧନା**

- **ସ୍ୱାଧ୍ୟାୟ :-** ରାଜ୍ୟ ସମ୍ମିଳନୀରେ ସିଦ୍ଧାନ୍ତ ଅନୁସାରେ ୧୫ ଟି ବାହିନୀକୁ ଆମେ ଆଗାମୀ ୫ ଜଣ ମଧ୍ୟରେ ସଂପୂର୍ଣ୍ଣ କରିବା । ଏହି କ୍ରମରେ ଚଳିତ ୨୦୨୦ ସାଇ ବର୍ଷରେ ଆମେ ୩ ଟି ବାହିନୀ ସମାପ୍ତ କରିବା । ସ୍ୱାଧ୍ୟାୟ : ଆମ ଦୈନନ୍ଦିନ ଜୀବନର ଏକ ଅଂଶ ହେବ ।
- **କାମନାର ସୀମାଙ୍କନ (Ceiling on Desire):** ପ୍ରତ୍ୟେକ ଯୁବ ଭାଇ/ଭଉଣୀ କାମନାର ସୀମାଙ୍କନ ଅଭ୍ୟାସ କରିବେ । ତଦଜନିତ ଲବ୍ଧ ରାଶିକୁ COD box ରେ ସଞ୍ଚୟ କରିବେ । ଏହାକୁ ଏକ ସେବା ସାଧନା ଭାବେ ଗ୍ରହଣ କରି ଏଥିରେ ସଂଗଠନର ପ୍ରତ୍ୟେକ ଭାଇ ଭଉଣୀ ଏବଂ ବାଳବିକାଶ ପିଲାମାନେ କିପରି ଅଂଶ ଗ୍ରହଣ କରି ପାରିବେ ଜିଲ୍ଲା ଯୁବ ସଂଯୋଜକ ମାନେ ଜିଲ୍ଲା ସଭାପତିଙ୍କ ପରାମର୍ଶରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରିବେ ।
- **ଆଧ୍ୟାତ୍ମିକ ଦିନଲିପି :-** ସମସ୍ତ ଯୁବ ଭାଇ ଓ ଭଉଣୀ ଆଧ୍ୟାତ୍ମିକ ଦିନଲିପି ପୂରଣ କରିବେ । ଜିଲ୍ଲା ଯୁବ ସଂଯୋଜକ ମାନେ ଜିଲ୍ଲାର ପ୍ରତିଟି ସମିତି ଓ ଭଜନ ମଣ୍ଡଳୀରେ କେତେଜଣ ଯୁବ ଭାଇ ଓ ଭଉଣୀ ଆଧ୍ୟାତ୍ମିକ ଦିନଲିପି ସାଧନାରେ ବ୍ରତୀ ଅଛନ୍ତି ତାହା ଅନୁଧ୍ୟାନ କରିବେ । ଏହାର ସବିଶେଷ ବିବରଣୀ ପର୍ଯ୍ୟାୟ କ୍ରମେ ରାଜ୍ୟ ଯୁବ ସଂଯୋଜକଙ୍କୁ ପ୍ରଦାନ କରିବେ ।

**୧୦.  ଯୁବ ପାଠ ଚକ୍ର ଓ ସାଧନା ଶିବିର**

ପ୍ରତିଟି ସମିତିରେ ଯୁବ ଦିବସ ପାଳନ ସମୟରେ ଯୁବ ପାଠଚକ୍ର ଅନୁଷ୍ଠିତ ହେବ । ଏହାର ବିଷୟବସ୍ତୁ ପାଇଁ ଯୁବ ପାଠଚକ୍ର ନିମନ୍ତେ ଦିଆଯାଇଥିବା ସ୍ୱତନ୍ତ୍ର ବିଷୟ ଏବଂ ଏହି ବର୍ଷ ସ୍ଥିରୀକୃତ ହୋଇଥିବା ବାହିନୀର ସାହାଯ୍ୟ ନେଇ ପାରିବା । ୧୦ ଜଣରୁ ଅଧିକ ଯୁବ ଭାଇ ଭଉଣୀ ଥିବା ଭଜନ ମଣ୍ଡଳୀ ମାନେ ମଧ୍ୟ ସ୍ୱତନ୍ତ୍ର ଭାବେ ଯୁବ ଦିବସ ଓ ଯୁବ ପାଠଚକ୍ର କରିପାରିବେ ।

ପ୍ରତି ୩ ମାସରେ ଥରେ ସମିତି ସ୍ତରରେ ଯୁବ ସାଧନା ଶିବିର ଅନୁଷ୍ଠିତ ହେବ ।

**୧୧.  ପ୍ରେମ ସଞ୍ଜିବନୀ ଓ ଅମୃତ ବିନ୍ଦୁ**

ରକ୍ତ ଦାନ ଶିବିର କାର୍ଯ୍ୟକ୍ରମକୁ ଆହୁରି ସୁଦୂର ପ୍ରସାରୀ କରିବା ପାଇଁ ଯୁବ ଶକ୍ତି ଆଗକୁ ଆସିବେ । ପ୍ରତ୍ୟେକ ଜିଲ୍ଲାରେ ଆପଦକାଳୀନ ରକ୍ତ ଦାନ ପାଇଁ ସ୍ୱତନ୍ତ୍ର ଦଳ ଗଠନ କରାଯିବ ।

୧୨ . ରିପୋର୍ଟିଂ

ଏହି କାର୍ଯ୍ୟରେ ଜିଲ୍ଲା ଯୁବ ସଂଯୋଜକ ମାନେ Digital Archieve Coordinator ମାନଙ୍କୁ ସଂପୂର୍ଣ୍ଣ ସହଯୋଗ କରିବେ । ଜିଲ୍ଲା ସଭାପତି ଏବଂ DACଙ୍କ ସହ ଯୋଗସୂତ୍ର ରକ୍ଷା କରି ସଠିକ ସମୟରେ ରାଜ୍ୟକୁ ବାର୍ତ୍ତା ପ୍ରେରଣ କରିବାରେ ଜିଲ୍ଲା ଯୁବ ସଂଯୋଜକ ମାନେ ମୁଖ୍ୟ ଭୂମିକା ଗ୍ରହଣ କରିବେ । ଅନୁରୂପ ଭାବେ ମଧ୍ୟ ସମିତିର ଯୁବ ସଂଯୋଜକ ମାନେ ସମିତି ସ୍ତରରେ ଏହାର ଦାୟିତ୍ୱ ନେବେ। ଜିଲ୍ଲା ଯୁବ ସଂଯୋଜକ ମାନେ ପ୍ରତ୍ୟେକ ସମିତିରୁ ବିଭିନ୍ନ କାର୍ଯ୍ୟକ୍ରମର ବିବରଣୀ ସଂଗ୍ରହ କରି DAC ଙ୍କ ମାଧ୍ୟମରେ DP ଙ୍କୁ ପ୍ରଦାନ କରିବେ ।

ରାଜ୍ୟ ଯୁବ ପରିଷଦର ସଦସ୍ୟମାନେ ନିୟମିତ ଭାବେ ଜିଲ୍ଲା ଯୁବ ସଂଯୋଜକ ଏବଂ ସମିତିର ଯୁବ ସଂଯୋଜକ ମାନଙ୍କ ସହ ସମ୍ପର୍କରେ ରହିବେ ଏବଂ ସେମାନଙ୍କ ଆବଶ୍ୟକ ସ୍ଥଳେ ସେମାନଙ୍କୁ ସହଯୋଗ କରିବେ । ସେମାନଙ୍କୁ ପ୍ରଦାନ କରାଯାଇଥିବା ଜିଲ୍ଲା ମାନଙ୍କରେ ପ୍ରତିଟି କାର୍ଯ୍ୟକ୍ରମ କିପରି ସୁନ୍ଦର ଭାବେ ଅନୁଷ୍ଠିତ ହେବ ସେଥିପାଇଁ ସଦା ଚେଷ୍ଟିତ ରହିବେ ।

## ମହିଳା ବିଭାଗ

ଚଳିତ ବର୍ଷ ନିମ୍ନଲିଖିତ କାର୍ଯ୍ୟକ୍ରମ ଗୁଡିକ କରାଯିବ ।

୧. ମହିଳା ସାପ୍ତାହିକ ଭଜନ ପରେ ବାବାଙ୍କ ବାଣୀ (ବିଶେଷତଃ ମହିଳା ମାନଙ୍କ ପାଇଁ ଉଦ୍ଦିଷ୍ଟ) ପଢାଯିବ । ଏଥି ସହିତ ସନ୍ଦେହ ନିବାରିଣୀ ବାହିନୀ ଓ ଧର୍ମ ବାହିନୀ ପାଠ କରାଯିବ ।

୨. ନବରାତ୍ରି ସମୟରେ ଷଷ୍ଠୀଠାରୁ ନବମୀ ମଧ୍ୟରେ ଯେ କୌଣସି ଦିନ ଲଳିତା ପୂଜା ସମିତି ସ୍ତରରେ ଅନୁଷ୍ଠିତ ହେବ । ନବରାତ୍ରିର ସମସ୍ତ ଦିନ ପ୍ରତ୍ୟେକ ମହିଳା ପୂଜା ସମୟରେ ଦୂର୍ଗା ସ୍ତୋତ୍ର ପାଠ କରିବେ ।

୩. ପ୍ରତ୍ୟେକ ମହିଳା ନିଜ ଘରେ ଆଧ୍ୟାତ୍ମିକ ପରିବେଶ ପାଇଁ ଯତ୍ନଶିଳା ହେବେ । ନିଜେ ପ୍ରତ୍ୟେହ ଧ୍ୟାନ, ବେଦପାଠ, ପ୍ରାର୍ଥନା, ଭଜନ, ସ୍ୱାଧ୍ୟାୟ ଇତ୍ୟାଦି କରି ପରିବାରର ଅନ୍ୟ ମାନଙ୍କୁ ଏଥିରେ ଯୋଗଦାନ କରିବା ପାଇଁ ଉତ୍ସାହିତ କରିବେ । ଏହାଛଡା ସେମାନେ ମିଷ୍ଟଭାଷୀ ହେବା ପାଇଁ ସର୍ବଦା ସଚେତନ ରହିବେ ।

୪. ବାଳବିକାଶ ସମ୍ପର୍କିତ ବିଭିନ୍ନ କାର୍ଯ୍ୟକ୍ରମରେ (ଗୁରୁ ହେବା, ଗୁରୁ ତାଲିମ, ଅଭିଭାବକଙ୍କ ସହିତ ସାକ୍ଷାତ, ବେଦ ଶିକ୍ଷା, ଭଜନ , ଶିକ୍ଷା, ସାଂସ୍କୃତିକ କାର୍ଯ୍ୟକ୍ରମ ଇତ୍ୟାଦି ) ପ୍ରତ୍ୟେକ ମହିଳାମାନେ ଦକ୍ଷତା, ରୁଚି ଅନୁସାରେ ସମ୍ପୃକ୍ତ ରହିବେ ।

୫. ଏ ବର୍ଷ ସେବା ବର୍ଷ ହୋଇଥିବାରୁ ସମସ୍ତ ଭଉଣୀମାନେ ବ୍ୟକ୍ତିଗତ ସ୍ତରରେ, ପାରିବାରିକ ସ୍ତରରେ, ତଥା ଗୋଷ୍ଠୀ ଗତ ସ୍ତରରେ ନିଜକୁ ସେବା କାର୍ଯ୍ୟରେ ସକ୍ରିୟଭାବେ ସମ୍ପୃକ୍ତି କରିବେ । ରାଜ୍ୟ ସ୍ତରରେ ଆର୍ଥିକ ଦୁର୍ବଳ ଶ୍ରେଣୀର କନ୍ୟା / ମହିଳା ମାନଙ୍କର ଶିକ୍ଷା,ସ୍ୱାସ୍ଥ୍ୟ ଜନିତ ସମସ୍ୟାର ସମାଧାନ ପାଇଁ ତଥା ବିବାହ ପାଇଁ ଆର୍ଥିକ ସାହାଯ୍ୟ କରିବାକୁ ସ୍ଥିର କରାଯାଇଛି । ଏ ସଙ୍କ୍ରାନ୍ତରେ ଜିଲ୍ଲା ସଭାପତିମାନେ ପ୍ରଥମେ ନିଜ ଜିଲ୍ଲାରେ ଏଭଳି ମହିଳା ମାନଙ୍କୁ ଚିହ୍ନଟ କରି ସେମାନଙ୍କ ନାମ ଓ ସମସ୍ତ ତଥ୍ୟ ରାଜ୍ୟ ଆଧ୍ୟାତ୍ମିକ ସଂଯୋଜିକା / ଶିକ୍ଷା ସଂଯୋଜିକା /ସେବା ସଂଯୋଜିକାଙ୍କୁ ଅବଗତ କଲାପରେ ରାଜ୍ୟ ମହିଳା ବିଭାଗ ବିହିତ ପଦକ୍ଷେପ ନେବ ।

୬. ଚଳିତ ବର୍ଷ ୨୦୨୦ ପର୍ତ୍ତିଯାତ୍ରା ରେ ଜନଜାତି ଭଉଣୀ ମାନଙ୍କୁ ସାମିଲ କରାଯିବ ।

୬. ପ୍ରତ୍ୟେକ ମାସ ୧୯ ତାରିଖ ଦିନ ଶକ୍ତି ସ୍ୱରୁପିଣୀ ଦିବସ ପାଳନ (ପ୍ରତ୍ୟେକ ସାଇ କେନ୍ଦ୍ରରେ ) କରାଯିବ । ଏଇ ସଙ୍କ୍ରାନ୍ତରେ ସବିଶେଷ ବିବରଣୀ ନିମନ୍ତେ ସଂକଳ୍ପ ୨୦୧୮ ଦ୍ରଷ୍ଟବ୍ୟ ।

୭. ମହିଳାମାନେ ନିଜ ଘରେ ପ୍ରସ୍ତୁତ ଖାଦ୍ୟରୁ କିଛି ବଳକା ଖାଦ୍ୟ ପ୍ରତ୍ୟେହ ବାହାରେ ପଶୁ, ପକ୍ଷୀମାନଙ୍କୁ ଦେବେ। ଏହାକୁ ଏକ ସେବା ଭାବେ ଗ୍ରହଣ କରି ସାଇ କାର୍ଯ୍ୟରେ ଅଂଶ ଗ୍ରହଣ କରିବେ ।

୮. ସନାତନୀ ମଞ୍ଚ ତରଫରୁ ବିଷୁବ ସଙ୍କ୍ରାନ୍ତି, ରଜ, ନୂଆଖାଇ ଓ ମକର ଉତ୍ସବ ପାଳନ କରାଯିବ । ଏଇ ଉତ୍ସବ ଗୁଡିକ ଓଡିଶାର ବିଭିନ୍ନ ପ୍ରାନ୍ତରରେ ପାଳନ କରାଯିବ ।

୯. ୨୦୨୦ ମସିହାରେ ତୃତୀୟ ରାଜ୍ୟ ମହିଳା ସମାବେଶ ଅନୁଷ୍ଠିତ ହେବ । ଏ ସମ୍ବନ୍ଧରେ ସ୍ଥାନ, ମାସ ଓ ତାରିଖ ଇତ୍ୟାଦି ସ୍ଥିର ହେଲା ପରେ ସବୁ ଜିଲ୍ଲାକୁ ଜଣାଇ ଦିଆଯିବ ।

## ସୂଚନା ଓ ପ୍ରଯୁକ୍ତି ବିଭାଗ

୧ "Google Data Form" ର ବ୍ୟାପକ ବ୍ୟବହାର କରାଯିବ । ସମିତିର ସମସ୍ତ ପ୍ରମୁଖ ଘଟଣାବଳୀ ଗୁଡିକ ଫଟୋ /ଭିଡିଓ /ଅଡିଓ ସହିତ "Google Data Form" ମାଧ୍ୟମରେ ଅପଲୋଡ କରାଯିବ ।

୨ "Google Data Form" ମାଧ୍ୟମରେ ଦାଖଲ କରାଯାଇଥିବା ରିପୋର୍ଟ ଗୁଡିକର ଜିଲ୍ଲା ଅନୁଯାୟୀ ଏକ ମାସିକ ତାଲିକା ପ୍ରସ୍ତୁତ କରାଯିବ ଏବଂ ସମୀକ୍ଷା ପାଇଁ ଏହା ପ୍ରକାଶ କରାଯିବ ।

୩ ଓଡିଶାର ପ୍ରତ୍ୟେକ ସମିତିରେ କରାଯାଉଥିବା "ସ୍ୱଚ୍ଛତାରୁ ଦିବ୍ୟତ୍ୱ କାର୍ଯ୍ୟକ୍ରମ" ଜାତୀୟ ୱେବ ସାଇଟରେ ଅପଲୋଡ ନିମନ୍ତେ ସୁନିଶ୍ଚିତ କରାଯିବ ୪ ପ୍ରତ୍ୟେକ ଜିଲ୍ଲାରେ ଶ୍ରୀ ସତ୍ୟସାଇ ପୁର୍ନବସତି କାର୍ଯ୍ୟକ୍ରମରେ ନିଆଯାଇଥିବା ( Sri Satya Sai Rehabilitation Programme) ଭାଇ/ଭଉଣୀମାନଙ୍କର ସାକ୍ଷାତକାର / ଅନୁଭୂତି ବର୍ଣ୍ଣନାର ଭିଡିଓ ରେକର୍ଡିଂ କରାଯିବ । ୨୦୨୦ ରେ ୩୫ଟି ଜିଲ୍ଲାରୁ ଏହିପରି ୩ ରୁ ୫ ମିନିଟ ସମୟ ସମ୍ବଳିତ ଭିଡିଓ ପ୍ରସ୍ତୁତ କରାଯିବ ।ଏ ସଙ୍କ୍ରାନ୍ତୀୟ ସବିଶେଷ ମାର୍ଗଦର୍ଶିକା ରାଜ୍ୟ ସ୍ତରରୁ ଯୋଗାଇଦିଆଯିବ ।

୫ ଅନ୍ତତଃ ପକ୍ଷେ ୩୫ ଜଣ ଯୁବ ଭାଇ/ଭଉଣୀଙ୍କୁ ପ୍ରାଥମିକ ସ୍ତରୀୟ କମ୍ପ୍ୟୁଟର ପ୍ରଶିକ୍ଷଣ ଦିଆଯିବ । ଏ କ୍ଷେତ୍ରରେ ଶ୍ରୀ ସତ୍ୟସାଇ ପୂର୍ଣ୍ଣାଙ୍ଗ ଗ୍ରାମୀଣ ଯୋଜନାର ଭାଇ/ଭଉଣୀଙ୍କୁ ଅଗ୍ରାଧିକାର ଦିଆଯିବ । ସେମାନଙ୍କୁ Skill Development Authority of India ରୁ ସାର୍ଟିଫିକେଟ ଯୋଗାଇ ଦେବାର ବ୍ୟବସ୍ଥା କରାଯିବ ।

୬ ସର୍ବନିମ୍ନ ବ୍ୟକ୍ତିଗତ ସାଧନା ପାଇଁ ସମସ୍ତ Digital Archive Coordinator ଭାଇ/ଭଉଣୀମାନେ ଆଧ୍ୟାତ୍ମିକ ଦିନଲିପି ପୂରଣ କରିବେ ।

୭ ଓଡ଼ିଶାର ସମସ୍ତ ସମିତି ଏବଂ ସାଇ ବିଶେଷତ୍ୱ ରଖୁଥିବା ପ୍ରମୁଖ ସ୍ଥାନ ଗୁଡ଼ିକୁ ଚିହ୍ନଟ କରିବା ପାଇଁ " Google Map" ରେ ସମସ୍ତ ସମିତିର ଫଟୋ ସହିତ ଠିକଣା ଅପଲୋଡ କରାଯିବ । ଏହି ବ୍ୟବସ୍ଥା ସେ ସ୍ଥାନ ଗୁଡ଼ିକୁ ଚିହ୍ନିବାରେ, ଅନାୟାସରେ ଖୋଜିବାରେ ଓ ପହଞ୍ଚିବାରେ ସାହାଯ୍ୟ କରିବ ।

୮ ଜିଲ୍ଲା ସ୍ତରରେ ଆଗକୁ ହେବାକୁ ଥିବା କାର୍ଯ୍ୟକ୍ରମ ସମ୍ବନ୍ଧରେ ସବିଶେଷ ବିବରଣୀ ରାଜ୍ୟ ୱେବ ସାଇଟରେ ନିୟମିତ ଭାବରେ ଅପଲୋଡ କରାଯିବ ।

୯ ସଂଗଠନର ଜିଲ୍ଲା ସ୍ତରୀୟ କର୍ମକର୍ତ୍ତାଙ୍କ ସବିଶେଷ ବିବରଣୀ ତତକ୍ଷଣାତ ୱେବ ସାଇଟରେ ଅପଡେଟ କରାଯିବ ।

୧୦ Digital Archive Coordinator ମାନଙ୍କ ମଧ୍ୟରେ କାର୍ଯ୍ୟ ଦକ୍ଷତା ବଢ଼ାଇବା ନିମନ୍ତେ ବର୍ଷକୁ ଅନ୍ୟୁନଃ ପକ୍ଷେ ୬ଟି Webinar ( ଦୁଇ ମାସରେ ଗୋଟିଏ ) କରାଯିବ ।

୧୧ ପ୍ରଶାନ୍ତି ସେବା ପୂର୍ବରୁ ସେବା ଦଳ ଭାଇ/ଭଉଣୀମାନଙ୍କର ୧୦୦ ପ୍ରତିଶତ ରେଜିଷ୍ଟ୍ରେସନ କରାଯିବ ।

୧୨ ପ୍ରଶାନ୍ତି ସେବା ପାଇଁ "Google Form" କରାଯିବ ।

୧୩ ସମିତି/ଜିଲ୍ଲା ଏବଂ ରାଜ୍ୟ ସ୍ତରରେ କରା ଯାଉଥିବା ସମସ୍ତ Presentation ଗୁଡ଼ିକୁ ଗୋଟିଏ ଜାଗାରେ ସଂରକ୍ଷିତ କରି ରଖାଯିବ ।

## ପୁସ୍ତକ ପ୍ରକାଶନ ବିଭାଗ

୧ **ରାଜ୍ୟ ସଂଗଠନର ନିବେଦନ**

ସଂଗଠନର ପ୍ରତ୍ୟେକ କର୍ମ କର୍ତ୍ତା "ସନାତନ ସାରଥି " ଏବଂ ଶ୍ରୀ ସତ୍ୟସାଇ ବାଳବିକାଶ ଗୁଡ଼ିକ ପାଇଁ ବର୍ଷକୁ ଅନ୍ୟୁନ ୫ ଜଣ ଲେଖାଏଁ ନୂତନ ଗ୍ରାହକ ସୃଷ୍ଟି କରିବେ ।

୨ **୨୦୨୦ ର ଲକ୍ଷ୍ୟ**

ପ୍ରତ୍ୟେକ ଜିଲ୍ଲାରେ ଜିଲ୍ଲା ସଭାପତିଙ୍କ ତତ୍ତ୍ୱାବଧାନରେ ଏକ ଆଦର୍ଶ ପ୍ରଶାନ୍ତି ଭଣ୍ଡାର (ପୁସ୍ତକ ବିକ୍ରୟ କେନ୍ଦ୍ର ) ପ୍ରତିଷ୍ଠା କରାଯିବ ଏବଂ ଜିଲ୍ଲା ସଭାପତିଙ୍କ ମାର୍ଫତରେ ପୁସ୍ତକ ପ୍ରକାଶନ ନ୍ୟାସରୁ ପୁସ୍ତକ କ୍ରୟ କରାଯିବ ।

୩ **ଜିଲ୍ଲା ଓ ସମିତି ସ୍ତରୀୟ ଆଧ୍ୟାତ୍ମିକ ସଂଯୋଜକ ଓ ସଂଯୋଜିକାଙ୍କ ଦାୟିତ୍ୱ**

ପ୍ରତ୍ୟେକ ଜିଲ୍ଲାରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ସହିତ ପୁସ୍ତକ ପ୍ରକାଶନ ନ୍ୟାସର ପ୍ରସାରଣ କାର୍ଯ୍ୟକ୍ରମ କରାଯିବ ଯାହାର ଦାୟିତ୍ୱରେ ଜଣେ ପ୍ରକାଶନ ସଂଯୋଜକ ଜିଲ୍ଲା ସଭାପତିଙ୍କ ଦ୍ୱାରା ମନୋନୀତ ହେବେ ।

## ସତ୍ୟସାଇ ନ୍ୟାସ

୧ ସବୁ ସମିତି ନିଜ ଜମି ସଲ୍କାନ୍ତିୟ ବିବରଣୀ ନିର୍ଦ୍ଧାରିତ ପ୍ରପତ୍ରରେ ଜିଲ୍ଲା ସଭାପତିଙ୍କ ଜରିଆରେ ଗୁରୁ ପୂର୍ଣ୍ଣିମା ୨୦୨୦ ସୁଦ୍ଧା ଦାଖଲ କରିବେ ।

୨ କୌଣସି ସମିତି ଯଦି କୌଣସି ଧାରା ( ସୋସାଇଟ /ନ୍ୟାସ ) ଦ୍ୱାରା ପଞ୍ଜୀକୃତ ହୋଇଥାଏ ତେବେ ସେହି ପଞ୍ଜୀକରଣକୁ ଯଥାଶୀଘ୍ର ଫେରାଇ ଦିଆଯିବ ଏବଂ ତାହାର ସୂଚନା ୩୦ ଜୁନ ୨୦୨୦ ସୁଦ୍ଧା ରାଜ୍ୟ ନ୍ୟାସ ଆବାହକ ଓ ରାଜ୍ୟ ସଭାପତିଙ୍କୁ ଜଣାଇ ଦିଆଯିବ ।

୩ କୌଣସି ସମିତି ନିଜ ନାମରେ ବା କୌଣସି ବ୍ୟକ୍ତି ବା ବ୍ୟକ୍ତିମାନଙ୍କ ନାମରେ ବ୍ୟାଙ୍କ ଜମା ଖାତା ଖୋଲି ପାରିବେ ନାହିଁ ।

୪ ଶ୍ରୀ ସତ୍ୟସାଇ ନ୍ୟାସର ଶାଖା ଜମାଖାତା ସବୁ ଜିଲ୍ଲାରେ ଖୋଲାଯିବ ।

୫ ସ୍ଥାନୀୟ ଉତ୍ସବ ବା କାର୍ଯ୍ୟକଳାପ ପାଇଁ ସମିତି ବା ଭଜନ ମଣ୍ଡଳୀ ଦ୍ୱାରା ଯଦି କୌଣସି ରାଶି ସଂଗ୍ରହ କରାଯାଏ ତେବେ ତାହାର ହିସାବ ସ୍ପଷ୍ଟ ଭାବରେ ଭକ୍ତ ମାନଙ୍କର ଅବଗତି ନିମନ୍ତେ ସମିତି ବୈଠକରେ ପ୍ରକାଶ କରାଯିବ ।

**-ଜୟ ସାଇରାମ-**